## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

ବଡ଼ସାହି,୧୮।୧୦(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ନାଉପାଳ ପଞ୍ଚାୟତର ଅସ୍ତଝରଣ ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଦାଡେ ସିଂଙ୍କ ପୁଅ କାଳିଆ(୨୫)। ବିଲକୁ ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ବଡ଼ସାହି ପୋଲିସ ଶବ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

କୁଆମରା,୧୮।୧୦(ଡି.ଏନ.ଏ.): ପ୍ରାୟ ୧ବର୍ଷ ଧରି ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ତହସିଲର ତହସିଲଦାର ପଦବୀ ଶୂନ୍ୟଥିବା ବେଳେ ସୋମବାର ଉଦଳା ସବ - ରେଜିଷ୍ଟ୍ରାର ବିଶ୍ୱରଞ୍ଜନ ମହାନ୍ତି ପଦୋନ୍ନତି ପାଇ ଗୋପବନ୍ଧୁ ନଗର ତହସିଲଣ୍‌ରେ ତହସିଲଦାର ରୂପେ ଯୋଗ ଦେଇଛନ୍ତି। ତାଙ୍କୁ କାର୍ଯ୍ୟାଳୟ ତରଫରୁ ଅତିରିକ୍ତ ତହସିଲଦାର ହିମାଂଶୁ ଗିରିଙ୍କ ସମେତ ଅନ୍ୟ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଫାଙ୍କା ପଡ଼ିଥିବା ଏହି ତହସିଲଦାର ପଦକୁ ବିଭାଗ ସଂପୃକ୍ତ ବ୍ଲକର ବିଡ଼ିଓ ଦାୟିତ୍ୱରେ ଥିବା ରବୀନ୍ଦ୍ର ନାଥ ମଲ୍ଲିକ ଓ ସଂଗ୍ରାମ କେଶରୀ ଭୋଳ ଦାୟିତ୍ୱ ତୁଲାଇ ଆସୁଥିଲେ ମଧ ଉଭୟ ବ୍ଲକ ଓ ତହସିଲ କାର୍ଯ୍ୟ ଭାରି ପଡୁଥିଲା। ଦୀର୍ଘ ଦିନ ପରେ ଉକ୍ତ ପଦବୀ ପୂରଣ ହୋଇଥିବାରୁ ବିଭିନ୍ନ ମହଲରୁ ଏହାକୁ ସ୍ୱାଗତ କରାଯାଇଛି।

### ବିବାହ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ବଳାତ୍କାର
#### ଅଭିଯୁକ୍ତ ଗିରଫ

ବୈଶିଙ୍ଗା,୧୮।୧୦(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗୌରାଙ୍ଗ ସିଂ (୨୦)। ପୋଲିସ ସୂଚନା ଅନୁଯାୟୀ, ବାରିପଦାସ୍ଥିତ ଏକ ଇଟା ଭାଟିରେ କାର୍ଯ୍ୟ କରୁଥିବା ଗୌରାଙ୍ଗ ସମ୍ପୃକ୍ତ ନାବାଳିକାଙ୍କୁ ଭଲ ପାଇବା ସହ ବିବାହର ପ୍ରଲୋଭନ ଦେଖାଇ ଦୀର୍ଘ ଦିନ ହେବ ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ପରେ ଗୌରାଙ୍ଗ ଭଦ୍ରକ ସ୍ଥିତ ଏକ ଇଟା ଭାଟିକୁ ଯାଇ ସେଠାରେ ଆଉ ଜଣେ ଝିଅକୁ ଭଲ ପାଇ ବିବାହ କରି ନିଜ ଗ୍ରାମକୁ ନେଇ ଆସିଥିଲେ। ଏହା ଜାଣି ନାବାଳିକାଙ୍କ ପରିବାର ଲୋକେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ. ୩୨୦/୨୨) ରୁଜୁ କରି ଅଭିଯୁକ୍ତ ଗୌରାଙ୍ଗଙ୍କୁ କୋର୍ଟ ଚାଲାଣ କରିଛି।

### ହାଇମାଷ୍ଟ ଲାଇଟ୍ ଅଟୋ ଟାଇମିଂ ପରିବର୍ତ୍ତନ ଦାବି

ଆନନ୍ଦପୁର,୧୮।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକ ଗୁଡ଼ିକରେ ହାଇମାଷ୍ଟ ଲାଇଟ୍‌ର ବ୍ୟବସ୍ଥା କରାଯାଇଛି। ବ୍ରିଜ୍‌ଛକ, ଶାଳପଡ଼ା ବାଇପାସ୍, କଚେରି ଆଦି ବିଭିନ୍ନ ସ୍ଥାନରେ ଏଭଳି ଲାଇଟ୍ ଲାଗିଛି। ଏହି ଲାଇଟ୍ ଗୁଡ଼ିକ ନିର୍ଦ୍ଦିଷ୍ଟ ସମୟରେ ଜଳିବା ଓ ଲିଭିବା ପାଇଁ ସେଟିଂ କରାଯାଇଛି। ଏହି କ୍ରମରେ ପୂର୍ବରୁ ଏହାର ଜଳିବାର ସମୟ ସନ୍ଧ୍ୟା ୫.୫୩ ରୁ ୫୮ ସେଟିଂ ହୋଇଛି। ବର୍ତ୍ତମାନ ୫.୩୦ରେ ସନ୍ଧ୍ୟା ହୋଇଯାଉଛି। ଫଳରେ ଲାଇଟ୍ ଗୁଡ଼ିକ ଯଥେଷ୍ଟ ବିଳମ୍ବରେ ଜଳିବା ଦ୍ୱାରା ସମସ୍ୟା ସୃଷ୍ଟି ହେଉଛି। ଆନନ୍ଦପୁର ବ୍ରିଜ୍ ଛକ ନିକଟ ଟ୍ରାଫିକ୍‌ରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଆନ୍ଧାରରେ ବିଭିନ୍ନ ସମୟରେ ଦୁର୍ଘଟଣା ମଧ ଘଟୁଛି। ତେଣୁ ହାଇମାଷ୍ଟ ଲାଇଟ୍ ଗୁଡ଼ିକର ଆଟୋ ଟାଇମିଂ ବଦଳାଇବାକୁ ସାଧାରଣରେ ଦାବି ହୋଇଛି।

### ରେମାଳ ଡ୍ୟାମ୍‌ରୁ ଯୁବକଙ୍କ ମୃତଦେହ ଜବତ

କେନ୍ଦୁଝର,୧୮।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ଦୈତାରୀ ଥାନା ଅନ୍ତର୍ଗତ ରେମାଳ ଡ୍ୟାମରୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ଜଣକ ହେଲେ ଯାଜପୁର ଜିଲା ସୁକିନ୍ଦା ଥାନା ଦଲକି ଗ୍ରାମର କୃପାସିନ୍ଧୁ ମହାନ୍ତ ବୋଲି ଜଣାପଡ଼ିଛି। ଯୁବକ ଜଣକ ସୋମବାର ମାଛ ଆଣିବାକୁ କହି ବାଇକ୍‌ରେ ଘରୁ ଆସିଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ଘରଲୋକ ଖୋଜାଖୋଜି କରିଥିଲେ। ତାଙ୍କର କୌଣସି ପତା ପାଇ ନ ଥିଲେ। ପରେ ପରିବାର ଲୋକ ସୁକିନ୍ଦା ଥାନାରେ ଏତଲା ଦେଇଥିଲେ। ମଙ୍ଗଳବାର ଦୈତାରୀ ଥାନା ଅଧୀନ ରେମାଳ ଡ୍ୟାମରେ ମୃତଦେହ ଭାସୁଥିବା ସ୍ଥାନୀୟଲୋକେ ଦେଖିଥିଲେ। ପୋଲିସ ଅଗ୍ନିସେବା ବାହିନୀ ସହାୟତାରେ ଡ୍ୟାମରୁ ମୃତଦେହ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଥିବା ସୂଚନା ମିଳିଛି।

# ପାଟଣା, ଝୁମ୍ପୁରାର ଦୁଃଖ 'ନେଉଳିଯୋଡ଼ି'

■ ଜଳସ୍ତର ବଢ଼ିଲେ ଯୋଗାଯୋଗ ବିଚ୍ଛିନ୍ନ
■ ପୋଲ ନିର୍ମାଣ ଦାବି

ବୀରକିଶୋର ଦାଶ
ପାଟଣା,୧୮।୧୦


ବିପଦସଙ୍କୁଳ ଅବସ୍ଥାରେ ନାଳ ପାର ହେଉଛନ୍ତି ଲୋକେ।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ରାଷ୍ଟ୍ର ଓ ରାଜ୍ୟର ଦ୍ରୁତ ବିକାଶ କଥା କହୁଛନ୍ତି। ଅନେକ କୋଟି ଖର୍ଚ୍ଚ କରି ଯୋଜନା ପ୍ରଣୟନ କରୁଛନ୍ତି। ମାତ୍ର ସ୍ୱାଧୀନତାର ୭୫ ବର୍ଷ ପରେ ବି ଆଜି ଏଭଳି କିଛି ଅଞ୍ଚଳ ଅଛି ଯେଉଁଠି ଲୋକ ଜଳବନ୍ଦୀ ଭାବେ ଜୀବନ କାଟୁଛନ୍ତି। ସେମାନଙ୍କ ନିକଟରେ ଯାତାୟାତ ଭଳି ମୌଳିକ ସୁବିଧା ପହଞ୍ଚ ପାରିନାହିଁ। ଏଭଳି ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀର ଝୁମ୍ପୁରା ଓ ପାଟଣା ବ୍ଲକ୍ ବାସିନ୍ଦା। ଉଭୟ ବ୍ଲକ୍ ମଧଦେଇ ଯାଇଥିବା ନେଉଳିଯୋଡ଼ି ନାଳ ଦୁଇ ବ୍ଲକ୍‌ର ୧୦ ପଞ୍ଚାୟତବାସୀଙ୍କ ଦୁଃଖର କାରଣ ସାଜିଛି। ପ୍ରଶାସନିକ ଅବହେଳା, ରାଜନେତାଙ୍କ ମିଛ ପ୍ରତିଶ୍ରୁତି ଲୋକଙ୍କ କଷ୍ଟକୁ ଦ୍ୱିଗୁଣିତ କରିଦେଇଛି। ନାଳ ଉପରେ ପୋଲ ନ ଥିବାରୁ ଲୋକେ ବର୍ଷ ତମାମ ପାଣିରେ ପଶି ଯାତାୟାତ କରିବାକୁ ବାଧ ହେଉଛନ୍ତି।

ସୂଚନା ମୁତାବକ, ଝୁମ୍ପୁରା ବ୍ଲକ୍‌ର ବଡ଼ନେଉଳିପଞ୍ଚାୟତଶାବକଧନୁର୍ଜ୍ଜୟପୁର ଓ ପାଟଣା ବ୍ଲକ୍ ବାଉଁଶୁଳି ପଞ୍ଚାୟତ ଦାଶରଥିପୁର ଗାଁ ସୀମାରେ ନେଉଳିଯୋଡ଼ି ନାଳ ପ୍ରବାହିତ ହେଉଛି। ଝୁମ୍ପୁରା ବ୍ଲକ୍ ବଡ଼ ନେଉଳି ପଞ୍ଚାୟତର ଶାବକ ଧନୁର୍ଜ୍ଜୟପୁର, ପାହାଡ଼ପୁର, ରତ୍ନାପଶି, ସିଳିଟିଆ, ଯୋଡ଼ା କେନ୍ଦୁଗାଁ ଲୋକଙ୍କ ସହ ଉଖୁଣ୍ଡା, ଟୁକୁଡ଼ିହା ପଞ୍ଚାୟତର ଲୋକେ ଡୁରୁମୁଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ର, ଡୁରୁମୁଙ୍ଗା ମହାବିଦ୍ୟାଳୟ, ବଜାର, ରେଙ୍ଗାଳ ବେଢ଼ା ଓ କେନ୍ଦୁଝର ଜିଲା ମୁଖ୍ୟାଳୟ ଚିକିତ୍ସାଳୟ କିମ୍ବା ସରକାରୀ କାର୍ଯ୍ୟକୁ ଯା'ଆସ କରିବା ପାଇଁ ନାଳ ଏକମାତ୍ର ରାସ୍ତା। ସେହିଭଳି ପାଟଣା ବ୍ଲକ୍ ବାଉଁଶୁଳି, ଡୁରୁମୁଙ୍ଗା, ଚେମେଣା ପଞ୍ଚାୟତ ବିଶେଷକରି ବାଉଁଶୁଳି ପଞ୍ଚାୟତ ଦାଶରଥିପୁର, ବଳିଆପଶି ରେଙ୍ଗାଳ ବେଢ଼ା, ଚେମେଣାର ଲୋକେ ଉଖୁଣ୍ଡା, ଝୁମ୍ପୁରା, ଚମ୍ପୁଆ ଯିବା ଆସିବା କରିବା ସହ ଉଖୁଣ୍ଡା ମହାବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ଛାତ୍ରୀଛାତ୍ର ବିପଜ୍ଜନକ ଭାବେ ନାଳ ପାର ହୋଇ ଯାତାୟାତ କରନ୍ତି।

ଉଭୟ ବ୍ଲକ୍‌ର ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀଙ୍କ ପାଇଁ ଏହା ଏକମାତ୍ର ରାସ୍ତା ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ନାଳରେ ପୋଲ ନିର୍ମାଣ ହୋଇ ପାରିଲାନାହିଁ। ଫଳରେ ବର୍ଷ ତମାମ ଲୋକଙ୍କୁ ଛାତିଏ ପାଣିରେ ପାର ହୋଇ ନିଜର ଦୈନନ୍ଦିନ କାର୍ଯ୍ୟ ନିମନ୍ତେ ଯିବାକୁ ପଡ଼ିଥାଏ। ବର୍ଷା ସମୟରେ ଜଳସ୍ତର ବଢ଼ିଲେ ଯୋଗାଯୋଗ ଏକ ପ୍ରକାର ବିଚ୍ଛିନ୍ନ ହୋଇଯାଏ। ଛାତ୍ରୀଛାତ୍ର ଓ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଲୋକଙ୍କୁ ପାଣି ଭିତରେ ଯିବାକୁ ପଡୁଥିବାରୁ ୨ ହଳ ଡ୍ରେସ୍ ସାଙ୍ଗରେ ନେଇ ନାଳ ପାରିହେବାକୁ ପଡୁଛି। ଏଭଳି ପରିସ୍ଥିତିରେ ଅନେକ ଛାତ୍ରୀଛାତ୍ର ସ୍କୁଲ୍, କଲେଜ ଯିବା ବନ୍ଦ କରିଦେଲେଣି। ଏ ସମସ୍ୟା ନେଇ ଉଭୟ ବ୍ଲକ୍ ଲୋକେ ବାରମ୍ବାର ନେତାଙ୍କଠାରୁ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇଥିଲେ ମଧ ପୋଲ ନିର୍ମାଣ ହେଉନାହିଁ।

ଏ ନେଇ ବାଉଁଶୁଳି ପୂର୍ବତନ ପଞ୍ଚାୟତ ସମିତି ସଭ୍ୟ ତନୁରାମ ମହାନ୍ତ କହିଛନ୍ତି, ଉଭୟ ବ୍ଲକ୍‌ର ଜନସାଧାରଣ ଏହି ନାଳ ଯୋଗୁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଦୀର୍ଘ ଦିନରୁ ନେଉଳିଯୋଡ଼ି ନାଳ ଉପରେ ପୋଲ ନିର୍ମାଣ ପାଇଁ ଦାବି ହେଉଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ବାଉଁଶୁଳି ପଞ୍ଚାୟତ ଦାଶରଥୀପୁର ଗ୍ରାମ ବାସିନ୍ଦା ସହଦେବ ମହାନ୍ତ କହିଛନ୍ତି, ଉକ୍ତ ନାଳ ଉଭୟ ବ୍ଲକ୍‌ର ସୀମାରେ ଥିବାରୁ ଆମ ଦାବିକୁ ସାବତ ପୁଅ ଭାବି ପ୍ରଶାସନ ଅଣଦେଖା କରୁଛି। ଝୁମ୍ପୁରା ବ୍ଲକ୍ ଅଧକ୍ଷା ମାଳତୀ ନାଏକ କୁହନ୍ତି, ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। କିଭଳି ଶୀଘ୍ର ନାଳ ଉପରେ ପୋଲ ନିର୍ମାଣ ହେବ ସେ ନେଇ ପଦକ୍ଷେପ ଗ୍ରହଣ କରିବେ। ଝୁମ୍ପୁରା ବିଡିଓ ଉମାକାନ୍ତ ପରିଡ଼ାଙ୍କୁ ପଚାରିବାରୁ କହିଥିଲେ, ସେ ଏବେ ନୂଆଭାବେ ଯୋଗ ଦେଇଛନ୍ତି। ତାଙ୍କ ଦ୍ୱାରା ଯାହା ସମ୍ଭବ ସରକାରୀସ୍ତରରେ ଚେଷ୍ଟା କରିବେ। ପାଟଣା ବିଡିଓ ଈଶ୍ୱର ଚନ୍ଦ୍ର ନାଏକ କୁହନ୍ତି, ନେଉଳିଯୋଡ଼ି ନାଳ ଉପରେ ପୋଲ ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହା ସରକାରୀସ୍ତରରେ ବିଚାରାଧୀନ ରହିଛି। ସରକାର ତୁରନ୍ତ ନାଳ ଉପରେ ଏକ ପୋଲ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆରଡେଣ୍ଟ୍ ଷ୍ଟିଲ ସମନ୍ୱିତ ଇସ୍ପାତ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ

କେନ୍ଦୁଝର,୧୮।୧୦(ଡି.ଏନ୍.ଏ)

ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଫୁଲଝରସ୍ଥିତ ମେସର୍ସ ଆରଡେଣ୍ଟ୍ ଷ୍ଟିଲ ଲିଃ ବହୁ ପ୍ରତିକ୍ଷୀତ ସମନ୍ୱିତ ଇସ୍ପାତ ପ୍ରକଳ୍ପ ପାଇଁ ପରିବେଶ ଅନୁମତି (ଇସି) ମିଳିଛି। ପୂର୍ବରୁ ୦.୮୫ ମେଟ୍ରିକ୍ ଟନ୍ ଫର ଅନୁମ୍(ଏମ୍‌ଟିପିଏ) କ୍ଷମତା ବିଶିଷ୍ଟ ପିଲେଟ କାରଖାନା ଥିଲା। ବର୍ତ୍ତମାନ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୦.୮୫ ନିୟୁତ ଟନ୍‌ରୁ ୧.୭ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ଏହା ସହିତ ୩.୦ ଏମ୍‌ଟିପିଏ ଆଇରନ ଓର ବେନିଫିକେସନ ପ୍ଲାଣ୍ଟ, ୦.୬୦ ଏମ୍‌ଟିପିଏ ପିଗ୍ ଆଇରନ ବ୍ଲାଷ୍ଟ ଫର୍ଣ୍ଣେସ, ୦.୩୬ ଏମ୍‌ଟିପିଏ ଡିଆରଆଇ ପ୍ଲାଣ୍ଟ, ୦.୬୦ ଏମ୍‌ଟିପିଏ ସିନଟର ପ୍ଲାଣ୍ଟ, ୦.୭୨ ଏମ୍‌ଟିପିଏ, ଷ୍ଟିଲ୍ ମେଲ୍ଟ ସପ୍( ଏସଏମ୍‌ଏସ୍)/ଇଲେକ୍ଟ୍ରିକ୍ ଆର୍କ ଷ୍ଟିଲ୍ ମେକିଂ(ଏଆରସି ଫର୍ଣ୍ଣେସ(ଜେଡ୍‌ପିଏଫ), ୦.୭ ଏମ୍‌ଟିପିଏ ରୋଲିଂ/ହଟ୍ ଷ୍ଟ୍ରିପ୍ ମିଲ ଏବଂ ସିପିପି (ଡବ୍ଲ୍ୟୁଏଚ୍‌ଆରବି–୩୫ ମେଗାୱାଟ୍, ଏଏଫ୍‌ବିସି–୩୫ ମେଗାୱାଟ୍‌ର ନିଜସ୍ୱ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନା ପାଇଁ ୧୭ ଅକ୍ଟୋବର ୨୦୨୨ରେ ପରିବେଶ ମଞ୍ଜୁରୀ ମିଳିଛି। ଏଥି ପାଇଁ ୨୮ଫେବୃୟାରୀ ୨୦୧୯ ରେ ଜନଶୁଣାଣିରେ ଜନ ସମର୍ଥନ ମଧ ମିଳିଥିଲା। ମଞ୍ଜୁରୀ ପରେ ଏହାର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଡକ୍ଟର ସୁବାଶିଷ ଦାସ କେନ୍ଦୁଝର ଜିଲାପାଳ, ଷ୍ଟେକ୍ ହୋଲଡର, ସ୍ଥାନୀୟ ପ୍ରଭାବିତ ଲୋକଙ୍କ ସମେତ କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ପାରିପାର୍ଶ୍ୱିକ ଉନ୍ନତି ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଦାସ କହିଛନ୍ତି।


ଆରଡେଣ୍ଟ ଷ୍ଟିଲ୍ କାରଖାନା।

# ଖାଦ୍ୟ ନିରାପତ୍ତା ବିଭାଗର ଧରପଗଡ଼

ଭଦ୍ରକ ଅଫିସ, ୧୮।୧୦

ଭଦ୍ରକ ଜିଲା ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବାସୁଦେବପୁରରେ ଚଢ଼ାଉ କରାଯାଇଛି। ଜିଲା ଖାଦ୍ୟ ନିରାପତ୍ତା ପଦବୀ ନ୍ୟସ୍ତ ଅଧିକାରୀ ତଥା ଭଦ୍ରକ ମୁଖ୍ୟ ଡାକ୍ତରଖାନାର ଡିପିଏଚ୍‌ଓ ଡା. ଭାରତୀ ରାଉତଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ଅଧିକାରୀ ବିଭୁଦତ୍ତ ଦାସଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ, ଆଇସ୍‌କ୍ରିମ୍ ଦୋକାନ, ଅଟାକଳ, ଦୁଗ୍ଧ ବିକ୍ରୟ କେନ୍ଦ୍ରରେ ଧରପଗଡ଼ କରାଯାଇ ବାସି ଖାଦ୍ୟ, ଦ୍ରବ୍ୟ ସବୁ ନଷ୍ଟ କରି ଦିଆଯାଇଛି। ଖାଦ୍ୟ ନିରାପତ୍ତା ଆଇନ–୨୦୦୬ ଧାରା ୬୯ ଆଇନ ଅବମାନନା ଆଧାରରେ ୨ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଏଥିସହ ଏହି ଆଇନ ବିଷୟରେ ଦୋକାନୀମାନଙ୍କୁ ସଚେତନ କରାଯାଇଛି।


ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀ ଏକ ମିଠା ଦୋକାନରେ ଯାଞ୍ଚ କରୁଛନ୍ତି।

# ରାସ୍ତା ମରାମତି ନ ହେଲେ ରେଳ ଚଳାଚଳ ବନ୍ଦ

ଚେତାବନୀ ଦେଲେ ୪ ରାଜସ୍ୱ ଗ୍ରାମର ବାସିନ୍ଦା

ଚାନ୍ଦବାଲି, ୧୮।୧୦(ଡି.ଏନ.ଏ.)


ଧାମରା ରେଳ ଫାଟକ ନିକଟରେ ଧାରଣାରତ ଲୋକେ।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଦୋସିଙ୍ଗା ପଞ୍ଚାୟତର ଚିଆଣୀପାହି, ଓରାମାଳ, ନରସିଂହପ୍ରସାଦ ଏବଂ ସମିପାଟିଆ ରାଜସ୍ୱ ଗ୍ରାମର ଲୋକେ ଯାତାୟାତ କରୁଥିବା ରାସ୍ତାଟି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଧାମରା ବନ୍ଦର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏହି ରାସ୍ତା ଯାଉଥିବା ବେଳେ କମ୍ପାନୀର ଯାନବାହନ ଚଳାଚଳ ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇଛି। ୪ ରାଜସ୍ୱ ଗ୍ରାମର ବାସିନ୍ଦା ଦୁର୍ଦ୍ଦଶା ଭୋଗୁଛନ୍ତି। ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ୩ ହଜାରରୁ ଊର୍ଦ୍ଧ୍ୱ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯିବାରେ ସମସ୍ୟା ଭୋଗୁଛନ୍ତି। ହେଲେ ବନ୍ଦର ପ୍ରଶାସନ ଏହାର ମରାମତି କରୁନାହିଁ। ଏହି ରାସ୍ତା ମରାମତି ପାଇଁ ବହୁବାର ବନ୍ଦର କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନକୁ ସେମାନେ ଲିଖିତ ଭାବେ ଦାବି ଜଣାଇଥିଲେ। ଗତ ମାସରେ ବନ୍ଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବୁଲି ଦେଖିବା ସହ ଗୋଟିଏ ସପ୍ତାହ ମଧ୍ୟରେ ମରାମତି କାର୍ଯ୍ୟ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାସେ ବିତିଯାଇଥିଲେ ମଧ ପ୍ରତିଶ୍ରୁତି ପୂରଣ କରାଯାଇ ନ ଥିବାରୁ ୪ ରାଜସ୍ୱ ଗ୍ରାମର ଲୋକେ ମଙ୍ଗଳବାର ଧାମରା ରେଳ ଫାଟକ ନିକଟରେ ଧାରଣା ଦେଇଥିଲେ।

୧୫ଦିନ ମଧ୍ୟରେ ରାସ୍ତା ମରାମତି କରା ନ ଗଲେ ଧାମରା ରେଳ ଚଳାଚଳକୁ ବନ୍ଦ କରାଯିବା ସହ ବନ୍ଦର ୧ନଂ. ଗେଟ୍ ଆଗରେ ଧାରଣା ଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଖବର ଲେଖାହେବା ସୁଦ୍ଧା ଧାରଣା ଜାରି ରହିଥିଲା। ଶିବୁ ଶଙ୍କର ମହାନ୍ତି, ଗୁରୁପଦ ମାନ୍ନା, ଗୌତମ ଦାସ, ଶୁକଦେବ ଦାସ, ଶକ୍ତି ମାନ୍ନା, ହାରାଧନ ଦାସ, ଅକ୍ଷୟ ନାଥ, ବିକାଶ ମାନ୍ନା ପ୍ରମୁଖ ଗ୍ରାମବାସୀ ଧାରଣା ଦେଇଛନ୍ତି। ଏନେଇ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ଘରୁ ଟଙ୍କା, ସୁନା ଲୁଟ୍

ବୈଶିଙ୍ଗା/ବେତନଟୀ,୧୮।୧୦(ଡି.ଏନ.ଏ./ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ପଞ୍ଚାୟତ ଡାଙ୍ଗିରିପୁରା ଗ୍ରାମର ଆଗ୍ରିଆ–ନଡ଼ପୁର ରାସ୍ତା ପାର୍ଶ୍ୱସ୍ଥିତ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ଘରପଛପଟ ଝରକା ଗ୍ରୀଲ୍ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ସମେତ ନଗଦ ଟଙ୍କା ଓ ଦାମୀ ଲୁଗାପଟା ସ୍ୱଷ୍ଟ ଦିବାଲୋକରେ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ଡାଙ୍ଗିରିପୁରା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମନୋଜ କୁମାର ମହାନ୍ତି ତାଙ୍କ ସ୍ତ୍ରୀ ଓ ସାନ ଝିଅ ସହିତ ସୋମବାର ପୂର୍ବାହ୍ନରେ ପୂଜା କରିବା ପାଇଁ ବେତନଟୀ ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରକୁ ଯାଇଥିଲେ। ପୂଜା ସାରି ଘରକୁ ଫେରିଲା ପରେ ଗ୍ରୀଲ୍ ଭାଙ୍ଗି ଘର ଭିତରେ ଥିବା ୫ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ କିଛି ନୂଆ ଲୁଗାପଟା ସାଙ୍ଗକୁ ନଗଦ ୬୦ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଖବର ପାଇ ବୈଶିଙ୍ଗା ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଏବଂ ଏଏସ୍‌ଆଇ ଭାବଗ୍ରାହୀ ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଛନ୍ତି।

# ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ କାୟାକଳ୍ପ ପୁରସ୍କାର



ଜିଲାପାଳଙ୍କଠାରୁ ପ୍ରମାଣପତ୍ର ଗ୍ରହଣ।

ଚମ୍ପୁଆ,୧୮।୧୦(ଡି.ଏନ୍.ଏ)

କେନ୍ଦୁଝର ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ୨୦୨୧ ମସିହା କାୟାକଳ୍ପର ରାଜ୍ୟସ୍ତରରେ ୭୩ତମ ସ୍ଥାନ ହାସଲ କରିଛି। ଗୁଣାତ୍ମକମାନର ରୋଗୀସେବା, ସ୍ୱଚ୍ଛତା ଓ ବର୍ଜ୍ୟ ପରିଚାଳନା ଆଦି କ୍ଷେତ୍ରରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦୁଝର ଜିଲାପାଳ କାର୍ଯ୍ୟାଳୟ ଦରବାର ହଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ପ୍ରମାଣପତ୍ର ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଉପଖଣ୍ଡ ଚିକିତ୍ସାଳୟର ଚିକିତ୍ସାଧିକାରୀ ଡା. ଉମାକାନ୍ତ ସାହୁ ଏବଂ ଚିକିତ୍ସାଳୟ ପରିଚାଳକ ମହମ୍ମଦ୍ ୱାସିମ ଅଖତର ପୁରସ୍କାର ଓ ପ୍ରମାଣପତ୍ର ଗ୍ରହଣ କରିଥିଲେ।

# ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଜଣାଇବାକୁ ଆଇଜିଆର୍‌ଙ୍କ ଚିଠି

ଟ୍ରକ୍ ମାଲିକ ସଂଘ ନିର୍ବାଚନ ପ୍ରସଙ୍ଗ

କେନ୍ଦୁଝର, ୧୮।୧୦(ଡିଏନଏ)

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘର ତୁରନ୍ତ ନିର୍ବାଚନ ଦାବି ହୋଇ ଆସୁଛି। ସଂଘର ଅବଧି ଅଗଷ୍ଟ ୯ ତାରିଖରେ ଶେଷ ହୋଇଥିବାବେଳେ ବର୍ତ୍ତମାନ ଥିବା କର୍ମକର୍ତ୍ତାମାନେ ଉପଦେଷ୍ଟା ମଣ୍ଡଳୀକୁ ଦାୟିତ୍ୱ ହସ୍ତାନ୍ତର ନ କରିବା ଯୋଗୁ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ଏହା ମଧ୍ୟରେ ସୋମବାର ପରାମର୍ଶଦାତା କମିଟି ପକ୍ଷରୁ ସଂଘକୁ ସଦସ୍ୟ ତଥା ଭୋଟର ତାଲିକା ମଗାଯାଇଛି। ଏଥିସହ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ( ଆଇଜିଆର)ଙ୍କ ପକ୍ଷରୁ ନିର୍ବାଚନ ପ୍ରକ୍ରିୟା କେତେଦୂର ଯାଇଛି ଜଣାଇବାକୁ ଚିଠି ହୋଇଛି। ଚିଠି ପାଇବା ପରେ ଏବେ ନିର୍ବାଚନକୁ ନେଇ ଟ୍ରକ୍ ସଂଘ ମଧ୍ୟରେ ତାତି ବଢ଼ିଛି।

ସୂଚନାଯୋଗ୍ୟ, ଜିଲାପାଳଙ୍କ କାର୍ଯ୍ୟାଳୟର ଚିଠି ନଂ. ୧୬୫୪/୨୫ଅଗଷ୍ଟ ୨୦୨୨ରେ ଉପଦେଷ୍ଟା ମଣ୍ଡଳୀକୁ କର୍ମକର୍ତ୍ତାମାନେ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇ ନାହିଁ। ଅନ୍ୟପକ୍ଷେ ଟ୍ରକ୍ ମାଲିକ ସଂଘର ସମ୍ପାଦକ ସୂର୍ଯ୍ୟନାରାୟଣ କର ଉପ ଜିଲାପାଳଙ୍କୁ ଏକ ପତ୍ର ଜରିଆରେ ଆସନ୍ତା ନଭେମ୍ବର ୨୦ କିମ୍ବା ୨୭ରେ ନିର୍ବାଚନ କରାଯିବା ନେଇ ଜଣାଇଥିଲେ। ଦାୟିତ୍ୱ ହସ୍ତାନ୍ତର ହୋଇ ନ ଥିବାରୁ ନିର୍ବାଚନ ପ୍ରକ୍ରିୟା ବିଳମ୍ବ ହେଉଛି। ସୋମବାର ଆଇଜିଆର୍‌ଙ୍କ ନିକଟରୁ କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ସମ୍ପାଦକଙ୍କୁ ନିର୍ବାଚନ ପ୍ରକ୍ରିୟା କେତେ ଦୂର ହୋଇଛି। ଆସନ୍ତା ୨୧ସୁଦ୍ଧା ଜଣାଇବାକୁ ଚିଠି ନଂ. ୩୭୯୧ ରେ ଜଣାଇଛନ୍ତି। ଏହାକୁ ନେଇ ଟ୍ରକ୍ ମାଲିକମାନଙ୍କ ମଧ୍ୟରେ ଉଷ୍ମତା ବଢ଼ିବା ସଙ୍ଗେ ସଙ୍ଗେ ବିଭିନ୍ନ ଛକ ଓ ଖଟିରେ ନିର୍ବାଚନକୁ ନେଇ ଚର୍ଚ୍ଚା ଜୋର ଆରମ୍ଭ ହୋଇଗଲାଣି।

# ନିର୍ମାଣାଧୀନ ପନ୍ତେଇ ବ୍ରିଜ ତଦାରଖ କଲେ ପ୍ରିନ୍ସିପାଲ୍ ସେକ୍ରେଟାରୀ

ବାଲିଆପାଳ, ୧୮।୧୦(ସ୍ୱ.ପ୍ର.)

ୱାର୍କ୍ସ ଡିପାଟମେଣ୍ଟ ପ୍ରିନ୍ସିପାଲ୍ ସେକ୍ରେଟାରୀ ବୀର୍‌ବିକ୍ରମ ସିଂ ଯାଦବ ମଙ୍ଗଳବାର ସୁବର୍ଣ୍ଣରେଖା ନଦୀ ଉପରେ ନିର୍ମାଣାଧୀନ ପନ୍ତେଇ ବ୍ରିଜର କାର୍ଯ୍ୟ ତଦାରଖ କରି ଫେରିଛନ୍ତି। ବାଲିଆପାଳ ବ୍ଲକ ସହିତ ଭୋଗରାଇ ବ୍ଲକକୁ ସଂଯୋଗ କରିବା ପାଇଁ ସୁବର୍ଣ୍ଣରେଖା ନଦୀ ଉପରେ ପୋଲ ନିର୍ମାଣ ପାଇଁ ବହୁଦିନ ଧରି ଦାବି ହୋଇଆସୁଥିଲା। ଏବେ ତାହା ନିର୍ମାଣାଧୀନ ଅବସ୍ଥାରେ ରହିଛି। ଏଲ୍ ଆଣ୍ଡ ଟି କମ୍ପାନୀ ଦ୍ୱାରା ନିର୍ମାଣ ହେଉଥିବା ଏହି ବ୍ରିଜ ବର୍ଷା ଦିନ ପାଇଁ କାର୍ଯ୍ୟ ଧିମେଇ ଚାଲିଥିବାରୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରିନ୍ସିପାଲ୍ ସେକ୍ରେଟାରୀ ଯାଦବ ତାଗିଦ୍ କରିଥିଲେ। ଅଧିକ ମେସିନ ଓ ମ୍ୟାନପାୱାର ଲଗାଇ କାର୍ଯ୍ୟକୁ ଦ୍ରୁତ ଗତିରେ କରିବା ପାଇଁ ଏଲ ଆଣ୍ଡ ଟିର କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାଦବଙ୍କ ସହିତ ଚିଫ୍ ଇଞ୍ଜିନିୟର ମନୋରଞ୍ଜନ ମିଶ୍ର, ବିଶ୍ୱ ବ୍ୟାଙ୍କର ମୁଖ୍ୟଯନ୍ତ୍ରୀ ରାମକୃଷ୍ଣ ମହାପାତ୍ର, ଜିଲା କାର୍ଯ୍ୟନିର୍ବାହୀ ଅଧିକାରୀ ନନ୍ଦଦୁଲାଲ ଘଡ଼ାଇ, ଏସ୍‌ଡିଓ ଶିବଲାଲ ସାହୁ, କନିଷ୍ଠଯନ୍ତ୍ରୀ ସୁଶୀଲ କୁମାର ଦାସଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ବ୍ରିଜ୍ ନିର୍ମାଣ ସ୍ଥଳରେ ପ୍ରିନ୍ସିପାଲ୍ ସେକ୍ରେଟାରୀ ବୀର୍‌ବିକ୍ରମ ସିଂ ଯାଦବ ଓ ଅନ୍ୟମାନେ।

**ଗାଡ଼ିରୁ ବ୍ୟାଟେରି ଚୋରି, ୨ ଗିରଫ**

ବାସୁଦେବପୁର, (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ବେତଡ଼ା ବଜାରରେ ବିଭିନ୍ନ ଗାଡ଼ିରୁ ବ୍ୟାଟେରି ଚୋରି ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗାଡ଼ିରୁ ବ୍ୟାଟେରି ଚୋରି କରିଥିବା ଯୁବକ ଅରଣ୍ଡୁଆ ଗ୍ରାମର ମୁକ୍ତିକାନ୍ତ ନାୟକ ଓ ଏହାକୁ କିଣିଥିବା ବ୍ୟକ୍ତି କହ୍ନେଇବିନ୍ଧା ପଞ୍ଚାୟତ ତୀରଖୁଆ ଗ୍ରାମର କୈଳାସ ଚନ୍ଦ୍ର ରଣା। ଏଥିସହ ୩ ଗାଡ଼ି ବ୍ୟାଟେରି ବାସୁଦେବପୁର ପୋଲିସ ଜବତ କରିଛି। ପ୍ରକାଶଯୋଗ୍ୟ, ବେତଡ଼ା ବଜାରରୁ ସୋମବାର ରାତିରେ ମୁକ୍ତିକାନ୍ତ ଗାଡ଼ିରୁ ୩ଟି ବ୍ୟାଟେରି ଚୋରି କରି କୈଳାସଙ୍କୁ ଗୋଟିଏ ବିକ୍ରି କରିଥିଲେ। ଏ ନେଇ ନଛିଛଣପୁରର ବନମାଳୀ ଜେନା ଅଭିଯୋଗ କରିଥିଲେ।

# ଆଦର୍ଶ ଆଚରଣ ବିଧି, ଖର୍ଚ୍ଚ ହିସାବ ଉପରେ ଗୁରୁତ୍ୱ

## ଧାମନଗର ଉପନିର୍ବାଚନ ନେଇ ପର୍ଯ୍ୟବେକ୍ଷକଙ୍କ ବୈଠକ

ଭଦ୍ରକ ଅଫିସ, ୧୮।୧୦



ବୈଠକରେ ପର୍ଯ୍ୟବେକ୍ଷକଙ୍କ ସହ ଜିଲା ପ୍ରଶାସନିକ ଅଧିକାରୀମାନେ।

ଧାମନଗର ଉପନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ପରେ ପ୍ରାର୍ଥୀ, ତାଙ୍କ ପ୍ରତିନିଧି ଓ ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ନିର୍ବାଚନ କାର୍ଯ୍ୟ ପରିଚାଳନା, ପ୍ରଚାର ସମ୍ବନ୍ଧୀୟ ଖର୍ଚ୍ଚ, ଆଦର୍ଶ ଆଚରଣ ବିଧି ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ନିରଞ୍ଜନ କୁମାର ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରଣେଶ ଗୁପ୍ତା, ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଉପଜିଲାପାଳ ଡ. ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅବାଧ, ମୁକ୍ତ ଓ ନିରପେକ୍ଷ ଉପନିର୍ବାଚନ ପରିଚାଳନା ପାଇଁ ଭାରତର ନିର୍ବାଚନ ଆୟୋଗ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ଆଦର୍ଶ ଆଚରଣ ବିଧି ସମ୍ବନ୍ଧରେ ସାଧାରଣ ପର୍ଯ୍ୟବେକ୍ଷକ ଆଲୋଚନା କରିବା ସହ ତା'ର ଅନୁପାଳନ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ପୋଲିଂ, କାଉଣ୍ଟିଂ ଏଜେଣ୍ଟମାନଙ୍କୁ ଦଳ ବା ପ୍ରାର୍ଥୀମାନଙ୍କ ପକ୍ଷରୁ ତାଲିମ ଦେବା, ମକ୍‌ପୋଲ ଆରମ୍ଭ ପୂର୍ବରୁ ଏଜେଣ୍ଟମାନେ ବୁଥ୍‌ରେ ପହଞ୍ଚିବା, ଇଭିଏମ୍ ରାଣ୍ଡାମାଇଜେସନ୍, କମିଶନିଂ, ଷ୍ଟ୍ରଙ୍ଗରୁମ୍ ଖୋଲାଯିବା କି ବନ୍ଦ ହେବା, ଆବଶ୍ୟକ ସମୟରେ ପ୍ରତିନିଧିମାନେ ଉପସ୍ଥିତ ରହିବା ଆଦି ବିଷୟରେ ସାଧାରଣ ପର୍ଯ୍ୟବେକ୍ଷକ ବୁଝାଇଥିଲେ। ସେହିପରି ଡାକ ଭୋଟ ପ୍ରକ୍ରିୟା ସମ୍ବନ୍ଧରେ ମଧ୍ୟ ସେ ଅବଗତ କରାଇଥିଲେ।

ଏହି ଉପନିର୍ବାଚନ ପାଇଁ ୫୦୫ଜଣ ଭୋଟର ଡାକ ଭୋଟ୍ ମାଧ୍ୟମରେ ମତଦାନ ପାଇଁ ସ୍ୱୀକୃତି ଦେଇଥିବା ଜିଲାପାଳ ପ୍ରକାଶ କରିଥିଲେ। ବ୍ୟାନର, ପୋଷ୍ଟର, ଶୋଭାଯାତ୍ରା, ସାଧାରଣ ସଭା, ଡାକବାଜି ଯନ୍ତ୍ର, ନିର୍ବାଚନରେ ନିୟୋଜିତ ଭଡ଼ାଗାଡ଼ି ଆଦି କ୍ଷେତ୍ରରେ ଖର୍ଚ୍ଚ କରିହେବ। ନିୟମାନୁଯାୟୀ ଖର୍ଚ୍ଚ ହିସାବ ତାଲିକାଭୁକ୍ତ କରିବାକୁ ପଡ଼ିବ। ମଦ, ଟଙ୍କା କିମ୍ବା କୌଣସି ଉପହାର ପ୍ରାର୍ଥୀ ବାଣ୍ଟି ପାରିବେ ନାହିଁ। ଆସନ୍ତା ୨୧, ୨୬ ଓ ୩୧ ତାରିଖରେ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ହିସାବ ଖାତା ତଦନ୍ତ କରାଯିବା ନେଇ ସୂଚନା ଦିଆଯାଇଛି। ଫଳାଫଳ ଘୋଷଣାର ୩୦ଦିନ ମଧ୍ୟରେ ପୂର୍ଣ୍ଣାଙ୍ଗ ଖର୍ଚ୍ଚ ହିସାବ ଜିଲା ନିର୍ବାଚନ ଅଧିକାରୀଙ୍କ ପାଖରେ ପ୍ରାର୍ଥୀଙ୍କ ଦ୍ୱାରା ଜମା ଦିଆଯିବ। ନିର୍ବାଚନରେ କୌଣସି ଅନିୟମିତତା କିମ୍ବା ଆଚରଣ ବିଧି ଉଲ୍ଲଂଘନ ସମ୍ବନ୍ଧୀୟ ଅଭିଯୋଗ ୨୪ ଘଣ୍ଟା ଖୋଲା ରହିଥିବା କଣ୍ଟ୍ରୋଲରୁମ୍ ନମ୍ବର ୧୯୫୦କୁ ମଧ୍ୟ ଜଣାଇପାରିବେ ବୋଲି ଜିଲାପାଳ ପ୍ରକାଶ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com



@ ଯୋଗମାୟା



@ ତପସ୍ୱିନୀ



@ ପଦ୍ମିନୀ



@ ଅନିନ୍ଦିତା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ସୂର୍ଯ୍ୟବଂଶୀଙ୍କ ପାଇଁ ଭାଜପା ମହିଳା ମୋର୍ଚ୍ଚାର ପ୍ରଚାର



ବୈଠକରେ ଭାଜପା ମହିଳା ମୋର୍ଚ୍ଚାର କର୍ମକର୍ତ୍ତା।

ଧାମନଗର,୧୮।୧୦(ଡି.ଏନ.ଏ.)

ଭାଜପା, ବିଜେଡି, କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ପକ୍ଷରୁ ପ୍ରଚାର ଜୋରଦାର କରାଯାଇଛି। ନିର୍ବାଚନୀ ସଭା ସାଙ୍ଗକୁ ଗାଁ ଗାଁରେ ବୁଲି ଲୋକଙ୍କୁ ଭେଟି ଭୋଟ୍ ପାଇଁ ନିବେଦନ କରାଯାଉଛି। ମଙ୍ଗଳବାର ଧାମନଗର ଅସୁରାଳି ଶହୀଦ ମଣ୍ଡଳ ମହିଳା ମୋର୍ଚ୍ଚା ପକ୍ଷରୁ ଏକ ବୈଠକ ମାଧ୍ୟମରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛି ଭାଜପା। ମହିଳା ମୋର୍ଚ୍ଚାର ଜିଲା ଉପସଭାନେତ୍ରୀ ପୂର୍ବତନ ଜିଲା ପରିଷଦ ସଦସ୍ୟା ଉମାମଣି ସାହୁଙ୍କ ସଭାପତିତ୍ୱରେ ଅସୁରାଳିଠାରେ ଅନୁଷ୍ଠିତ ଏହି ବୈଠକରେ ଭାଜପା ନାରୀନେତ୍ରୀ ତଥା ରାଜ୍ୟ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ୱିତା ଖୁଣ୍ଟିଆ ଯୋଗ ଦେଇଥିଲେ। ଦଳୀୟ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞଙ୍କ ପାଇଁ ମହିଳା ମୋର୍ଚ୍ଚା ପ୍ରଚାର କରିବା ସହ କେନ୍ଦ୍ର ସରକାରଙ୍କ ମହିଳା କଲ୍ୟାଣ ଯୋଜନା ଉପରେ ଲୋକଙ୍କୁ ଅବଗତ କରାଇବା ଲାଗି କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଛି। ଏହି ଅବସରରେ ଅସୁରାଳି ଜୋନ୍ ଅଧୀନରେ ଥିବା ସମସ୍ତ ପଞ୍ଚାୟତ ପାଇଁ ମହିଳା ମୋର୍ଚ୍ଚାର ଏକ ଟିମ୍ ଗଠନ କରାଯାଇଛି। ସୁମିତ୍ରା ପାଣି, କାଉନସିଲର ଗୌରୀ ବେହେରା, ସରପଞ୍ଚ ମିନତି ସାହୁ, ପାର୍ବତୀ ପ୍ରଧାନ, ମମତା ମଣ୍ଡଳ, ସୁଚିସ୍ମିତା ପାଣିଗ୍ରାହୀ, ସୁକାନ୍ତି ମିଶ୍ର, ସସ୍ମିତା ଲେଙ୍କା, ମଞ୍ଜୁଲତା ଚୌଧୁରୀ, ଗୀତାରାଣୀ ମହାନ୍ତି, ସନ୍ଧ୍ୟାରାଣୀ ଜେନା, ମାନସୀ ପଣ୍ଡା, ରେବତୀ ରାଉତ, ରଜନୀଗନ୍ଧା ଜେନା, ବୃନ୍ଦାବତୀ ନାୟକ, ବେବିରାଣୀ ପଣ୍ଡା, ମନୋରମା ମହାନ୍ତି, ଅନୁସୂୟା ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ଭାଜପାରେ ମିଶିଲେ ବହୁ ସଂଖ୍ୟାଲଘୁ

ଧାମନଗର,୧୮।୧୦(ସ୍ୱ.ପ୍ର.)

ଉପନିର୍ବାଚନକୁ ନେଇ ଧାମନଗର ରାଜନୀତି ସରଗରମ ହୋଇଥିବା ବେଳେ ଦଳ ବଦଳ ପ୍ରକ୍ରିୟା ଦେଖିବାକୁ ମିଳିଛି। ମଙ୍ଗଳବାର ଧାମନଗର ବ୍ଲକର ବୟାଙ୍ଗଡିହ ଗୁଡୁପୋଖରୀଠାରେ ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ କରାଯାଇଛି। ଧାମନଗର ଗ୍ରାମୀଣ ମଣ୍ଡଳ ସଭାପତି ଆଇନଜୀବୀ ଦୀପ୍ତି ରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ସ୍ଥାନୀୟ ଅଞ୍ଚଳର ବହୁସଂଖ୍ୟକ ସଂଖ୍ୟାଲଘୁ ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଆସ୍ଥା ପ୍ରକଟ କରି ଉଚ୍ଚଶିକ୍ଷିତ ସ୍ୱଚ୍ଛ ପ୍ରାର୍ଥୀ ସୂରଜଙ୍କ ପାଇଁ ଭାଜପାରେ ସାମିଲ ହୋଇଥିବା ସେମାନେ କହିଛନ୍ତି। ଭାଜପାର ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ରାଜ୍ୟ ମୁଖପାତ୍ର ବିରଞ୍ଚି ତ୍ରିପାଠୀ, କେନ୍ଦୁଝର ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ରାଜ୍ୟ ପରିଷଦ ସଦସ୍ୟ ବଦ୍ରି ନାରାୟଣ ଧଳ, ଅଶୋକ ରାଉଳ, ପୂର୍ବତନ ଜିଲା ପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ, ବିଷ୍ଣୁ ଚରଣ ମହାନ୍ତି, ସୁବ୍ରତ ମଲ୍ଲିକ, ଅନନ୍ତ ବେହେରା ପ୍ରମୁଖ ମିଶ୍ରଣପର୍ବରେ ଉପସ୍ଥିତ ରହି ନୂତନ କର୍ମୀଙ୍କୁ ସ୍ୱାଗତ କରିଥିଲେ।



ଧାମନଗର ବ୍ଲକ ବୟାଙ୍ଗଡିହ ଗୁଡୁପୋଖରୀଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ନୂତନ କର୍ମୀଙ୍କ ସହ ଭାଜପା ନେତା।

## ହାଇୱା ଧକ୍କାରେ ମୃତ୍ୟୁ ଘଟଣା: ଚାଳକ ଗିରଫ

ବଡ଼ବିଲ,୧୮।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ରୁଗୁଡ଼ି ଥାନା କାଟାସାହିରେ ହାଇୱା ଧକ୍କାରେ ଜଣଙ୍କ ମୃତ୍ୟୁ ଘଟଣାରେ ପୋଲିସ ହାଇୱା ଚାଳକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡ ରାଜ୍ୟ ରାମଗଡ଼ ଅଞ୍ଚଳର ଏମ୍‌ଡି ସର୍ଫରାଜ। ପୋଲିସ ସୂଚନା ମୁତାବକ କୋହ୍ଲ ବରପଦା ଅଞ୍ଚଳର ବୀରସିଂ ଲିୟାଙ୍ଗୀ (୫୫)ଙ୍କୁ ଓଡି ୦୯ ପି ୨୭୦୮ ନମ୍ବର ବିଶିଷ୍ଟ ହାଇୱା ପଛପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୀରସିଂଙ୍କ ଶାଳକଙ୍କ ଅଭିଯୋଗ କ୍ରମେ ପୋଲିସ ନଂ ୯୪/୨୦୨୨ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ଅବନ୍ତୀଙ୍କ ପ୍ରଚାରରେ ନେତା, ମନ୍ତ୍ରୀ

ଧାମନଗର,୧୮।୧୦(ସ୍ୱ.ପ୍ର.)



ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସଙ୍କ ସହ ପ୍ରଚାର କରୁଛନ୍ତି ଏମ୍‌ପି ମଞ୍ଜୁଲତା ମଣ୍ଡଳ।

ଧାମନଗର ଉପନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ କେଉଁଠି ନିର୍ବାଚନୀ ସଭା କରାଯାଉଛି ତ ଆଉ କେଉଁଠି ଦଳର ନେତା ବିଭିନ୍ନ ୱାର୍ଡରେ ବୁଲି ଲୋକଙ୍କୁ ବୁଝାଇ ଭୋଟ ଭିକ୍ଷା କରୁଛନ୍ତି। ପ୍ରଚାରକୁ ଜୋରଦାର କରାଯାଇ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭୋଟରଙ୍କୁ ମନାଇବାରେ ଲାଗିପଡ଼ିଛନ୍ତି ଦଳୀୟ ନେତା। ମଙ୍ଗଳବାର ପୂର୍ବାହ୍ନରେ ବିଜେଡି ପ୍ରାର୍ଥିନୀ ଅବନ୍ତୀ ଦାସ ଦଳୀୟ ସମର୍ଥକଙ୍କ ସହ ଧାମନଗର ବ୍ଲକ ୧୦ ନଂ. ଜୋନ୍‌ର କଲ୍ୟାଣୀ, ଗୋବିନ୍ଦପୁର, ବୁଢ଼ାକୁଟି, ରାଧାବଲ୍ଲଭପୁର ଆଦି ପଞ୍ଚାୟତର ବିଭିନ୍ନ ୱାର୍ଡକୁ ଯାଇ ପ୍ରଚାର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ ମିଶନ ଶକ୍ତି ଜରିଆରେ ବିଭିନ୍ନ ଯୋଜନାକୁ ପ୍ରତ୍ୟେକ ଗ୍ରାମରେ ଥିବା ମହିଳାଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇ ସେମାନଙ୍କୁ ସ୍ୱାବଲମ୍ବୀ ସହ ଆର୍ଥିକ ମାନଦଣ୍ଡ ସଶକ୍ତ କରାଇବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରଚାରରେ ଦଳୀୟ ନେତା ଓ ମନ୍ତ୍ରୀ ସାମିଲ ହୋଇଥିଲେ। ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ରାଜ୍ୟ ସଭା ଏମ୍‌ପି ମୁନା ଖାଁ, ସୁଲତା ଦେଓ ପ୍ରମୁଖ ଅବନ୍ତୀଙ୍କ ପାଇଁ ପ୍ରଚାର କରିଛନ୍ତି। ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକଙ୍କ ସହ ପ୍ରତ୍ୟେକ ପଞ୍ଚାୟତର ବହୁ ଦଳୀୟ କର୍ମୀ ଏଥିରେ ସାମିଲ ଥିଲେ।

## ପୋଖରୀରୁ ମୃତଦେହ ଜବତ

ଖୁଣ୍ଟା/କୁଆମରା, ୧୮।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଭଣ୍ଡଗାଁ ପଞ୍ଚାୟତର ଜାମଶୁଳୀ ଗ୍ରାମ ଅନନ୍ତସାହି ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ନିକଟସ୍ଥ ସିନ୍ଦୁରିଆ ଗ୍ରାମର ହରି ନାଏକ (୫୭)। ହରି ସୋମବାର କାମ କରିବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ମଙ୍ଗଳବାର ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬୦/୨୨) ରୁଜୁ ହୋଇଛି।

## ଜବରଦଖଲ ହଟାଇବାକୁ ମାଇକ୍‌ରେ ପ୍ରଚାର

ଖଇରା, ୧୮।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତୀପୁରରୁ ମୁସ୍ତଫାବାଦ, ସିଙ୍ଗିପୁର, ତୋଟାପଡା ଦେଇ ଚରମ୍ପା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକର ପ୍ରଶସ୍ତିକରଣ ପାଇଁ ପ୍ରଥମ ପଦକ୍ଷେପ ସ୍ୱରୂପ ଜବରଦଖଲ ଉଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ରାସ୍ତାର ୨ ପାର୍ଶ୍ୱରେ ଥିବା ବ୍ୟକ୍ତିଗତ ଜବରଦଖଲ ହଟାଇବା ପାଇଁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଛି। ମଙ୍ଗଳବାର ତହସିଲଦାରଙ୍କ ଦ୍ୱାରା ହୋଇଥିବା ନିର୍ଦ୍ଦେଶରେ ଆସନ୍ତା ୧୦ଦିନ ମଧ୍ୟରେ ଜବରଦଖଲକାରୀମାନେ ନିଜସ୍ୱ ଚେଷ୍ଟାରେ ଜାଗା ଛାଡିବେ। ଅନ୍ୟଥା ପ୍ରଶାସନ ଯେକୌଣସି ଦିନ ଏହାକୁ ବଳପୂର୍ବକ ଉଚ୍ଛେଦ କରିବେ। ଉକ୍ତ ରାସ୍ତାର ପ୍ରଶସ୍ତୀକରଣ ପାଇଁ ୧୫କୋଟି ୭୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।



ଜବରଦଖଲ ହଟାଇବା ପାଇଁ ମାଇକ ଯୋଗେ ପ୍ରଚାର କରାଯାଉଛି।

## ଠିକା କର୍ମଚାରୀଙ୍କ ଦାବିପତ୍ର

ବାରିପଦା ଅଫିସ,୧୮।୧୦

ମୟୂରଭଞ୍ଜ ଜିଲାରେ କାର୍ଯ୍ୟରତ ମିଟର ରିଡର କର୍ମଚାରୀଙ୍କ ପକ୍ଷରୁ ବିଭିନ୍ନ ଦାବି ନେଇ ଟିପିଏନ୍‌ଓଡିଏଲ୍ ବାରିପଦା ଅଧିକ୍ଷଣଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଠିକା ସଂସ୍ଥା ଗୋପାଳ ଏଣ୍ଟରପ୍ରାଇଜେସ ପକ୍ଷରୁ ନିଯୁକ୍ତି ପାଇଥିବା କର୍ମଚାରୀମାନେ କମ୍ ଦରମାରେ ଅଧିକ ସମୟ କାର୍ଯ୍ୟ କରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସଂକ୍ରାନ୍ତରେ ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ ଅପରେସନ, ମୁଖ୍ୟ କମର୍ସ, ଜିଲା ଶ୍ରମ ଅଧିକାରୀ, ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ମିଟର ରିଡରମାନଙ୍କୁ ଶ୍ରମ ଆଇନ ଅନୁଯାୟୀ କମ ପରିମାଣର ଦରମା ପ୍ରଦାନ କରୁଥିବା ହେତୁ ୭ତାରିଖ ମଧ୍ୟରେ ପ୍ରାପ୍ୟ ପ୍ରଦାନ, ନିଯୁକ୍ତି ଓ ପରିଚୟ ପତ୍ର ପ୍ରଦାନ ସାଙ୍ଗକୁ ଦରମା ସ୍ଲିପ, ରିଡିଙ୍ଗ ନେବା ପାଇଁ ଆବଶ୍ୟକ ମୋବାଇଲ ଓ ଡାଟା ବାବଦରେ ମାସକୁ ଏକ ହଜାର ଟଙ୍କାର ଭତ୍ତା, ମିଟର ରିଡର ଓ ସୁପରଭାଇଜରଙ୍କୁ ଗାଡି ତେଲ ବାବଦରେ ୨ରୁ ୩ହଜାର ଟଙ୍କା ପ୍ରଦାନ, ଇପିଏଫ ଓ ଇଏସଆଇ କାର୍ଡ, ମିଟର ରିଡିଙ୍ଗ ବ୍ୟତୀତ ଅନ୍ୟ କାର୍ଯ୍ୟ ନିମନ୍ତେ ଅଲଗା ଭତ୍ତା ପ୍ରଦାନ କରିବାକୁ ଉଲ୍ଲେଖ ରହିଛି।

## ଅବକାରୀ ଚଢ଼ାଉ: ୨ ମଦ ବେପାରୀ ଗିରଫ

ଧାମନଗର/ଭଣ୍ଡାରିପୋଖରୀ, ୧୮।୧୦(ଡି.ଏନ.ଏ/ସ୍ୱ.ପ୍ର.)

ଧାମନଗର ଉପନିର୍ବାଚନ ପାଖେଇ ଆସୁଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ବେଆଇନ ନିଶା କାରବାର ଉପରେ ଚଢ଼ାଉକୁ ଜୋରଦାର କରାଯାଇଛି। ଧାମନଗର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ଓ ଷ୍ଟାଫମାନଙ୍କୁ ନେଇ ଗଠିତ ଟିମ୍ ମଙ୍ଗଳବାର ଅନନ୍ତପୁର, ଜଳମଣ୍ଡୁଆ, ବ୍ରହ୍ମପୁର, ବୁଢ଼ାକୁଟି, କଲ୍ୟାଣୀ ଏବଂ ଧୂଷୁରୀ ଥାନା ଅଧୀନ ଝାରଡ଼ିଆ ଅଞ୍ଚଳରେ ଚଢ଼ାଉ ପୂର୍ବକ ୧୦ ଲିଟର ଆସ୍କାଫର୍ଟି ଓ ୫.୪୦୦ ଲିଟର ବିଦେଶୀ ମଦ ଜବତ ସହ ଦୁଇ ବେପାରୀଙ୍କୁ ଗିରଫ କରିଛି।

## ଦିବ୍ୟାଙ୍ଗଙ୍କୁ ଟେକି ଟେକି ନେଲେ ସମ୍ପର୍କୀୟ

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଔପଦା, ୧୮।୧୦

ବାଲେଶ୍ୱର ଜିଲା ଔପଦା ନୋଡ଼ାଲ ହାଇସ୍କୁଲ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୬୪୧ ଦିବ୍ୟାଙ୍ଗଙ୍କ ନାମ ପଞ୍ଜିକୃତ ହୋଇଛି। ସରକାର ଦିବ୍ୟାଙ୍ଗମାନଙ୍କୁ ଉଚିତ୍ ସେବା ଯୋଗାଇଦେବା ପାଇଁ ବ୍ଲକସ୍ତରୀୟ ଶିବିର ଆୟୋଜନ କରୁଥିବା ବେଳେ ପରିଚାଳନାରେ କେତେକ ବ୍ୟତିକ୍ରମ ହୋଇଥିବା ଦେଖାଯାଇଛି। ପ୍ରାୟ ୬୦ରୁ ୭୦ କି.ମି. ଦୂରତାରୁ ଆସିଥିବା ସମ୍ପୂର୍ଣ୍ଣ ଅଚଳ ଦିବ୍ୟାଙ୍ଗଙ୍କୁ ସମ୍ପର୍କୀୟମାନେ ଶିବିର ଭିତରକୁ ଟେକି ଟେକି ନେଉଥିବା ଦେଖାଯାଇଛି।

ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୨୭୭ ଜଣଙ୍କ ନାମ ପଞ୍ଜିକୃତ ହୋଇଥିବା ବେଳେ ମାନସିକ ଅନଗ୍ରସରରେ ୧୦୨ଜଣ ନାସା, ଗଳାରେ ୧୫୫ଜଣ ଦୃଷ୍ଟିବାଧିତରେ ୧୦୭ଜଣ ନାମ ପଞ୍ଜିକୃତଙ୍କ ମଧ୍ୟରୁ କେତେକଙ୍କୁ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ଶିବିରକୁ ଆସିଥିବା କେତେକ ଭିନ୍ନକ୍ଷମ ସରକାରୀ ସୁବିଧାରୁ ବଞ୍ଚିତ ରହୁଥିବାରୁ ଅସନ୍ତୋଷ ପ୍ରକାଶ କରୁଥିବା ଜଣାଯାଇଛି। ଶିବିରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବିସିବିସ୍ମା ପାତ୍ର, ବିଡିଓ ଅଭିଷେକ ଦାଶ, ଉପାଧ୍ୟକ୍ଷ ପ୍ରଭାକର ସାହୁ, ଜିଲା ପରିଷଦ ସଭ୍ୟା ମୁନି ସିଂ, ନୀଳଗିରି ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମମତା ନାୟକ, ତଳକିଆ ସରପଞ୍ଚ ଦିପ୍ତୀରାଣୀ ନାୟକ ଶିବିରକୁ ବୁଲି ଦେଖିଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଅମ୍ବିକାମଣୀ ପୃଷ୍ଟିଙ୍କ ସମେତ ବ୍ଲକ କର୍ମଚାରୀ, ଶିକ୍ଷୟିତ୍ରୀଶିକ୍ଷକ, ଅଙ୍ଗନୱାଡ଼ି ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ। କେତେଜଣ ହାଇସ୍କୁଲ ପିଲା ସହଯୋଗ କରିଥିଲେ।



ଜଣେ ଦିବ୍ୟାଙ୍ଗଙ୍କୁ ଶିବିର ଭିତରକୁ ଟେକି ଟେକି ନିଆଯାଉଛି।

## ପୂର୍ବ ଶତ୍ରୁତାରୁ ଭୁଜାଲିରେ ଆକ୍ରମଣ

ବାରିପଦା ଅଫିସ,୧୮।୧୦

ବାରିପଦା ଟାଉନ ଥାନା ଅଧୀନ ପୋଡ଼ାଅସ୍ତିଆ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତାକୁ ନେଇ ଭୁଜାଲି ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଛ। ଏ ସଂକ୍ରାନ୍ତରେ ସ୍ଥାନୀୟ ଲୋକେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଜଣକ ହେଲେ ଦିଲ୍ଲୀପ ସିଂ। ସେ ଆକ୍ରମଣ କରି ଫେରାର ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସୋମବାର ରାତି କରମନାଚ ହେଉଥିବା ସମୟରେ ଦିଲ୍ଲୀପ ନିଶାଶକ୍ତ ଅବସ୍ଥାରେ ଗଣ୍ଡଗୋଳ ଆରମ୍ଭ କରିଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ସମେତ ଗଣେଶ ସିଂ(୪୨)ଙ୍କ ସହ ତାଙ୍କର ବଚସା ହୋଇଥିଲା। ଏହି ଘଟଣାକୁ ନେଇ ଅଭିଯୁକ୍ତ ଦିଲ୍ଲୀପ ଏକ ଭୁଜାଲିରେ ଗଣେଶଙ୍କ ପେଟକୁ ଆକ୍ରମଣ କରିଥିଲେ।

**ପ୍ରେମରେ ପ୍ରତାରଣା: ଜେଲ ଗଲେ ଶିକ୍ଷକ**

ନୀଳଗିରି, (ସ୍ୱ.ପ୍ର.): ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମରେ ପ୍ରତାରଣା କରି ସୋର ଥାନା ଦାଣ୍ଡହରିପୁର ଗ୍ରାମର ଶିକ୍ଷକ ମନୋରଞ୍ଜନ ମଲ୍ଲିକ (୨୮) ଜେଲ୍ ଯାଇଛନ୍ତି। ଉକ୍ତ ଶିକ୍ଷକ ଦୀର୍ଘ ୫ବର୍ଷ ହେଲା ସମ୍ପୃକ୍ତ ଯୁବତୀଙ୍କୁ ଭଲ ପାଇ ଆସୁଥିଲେ। ଉଭୟ ପରିବାର ବିବାହ ପାଇଁ ପ୍ରସ୍ତାବ ଆଗତ କରିଥିଲେ। ମାତ୍ର ଶିକ୍ଷକଜଣକ ବିବାହ ପାଇଁ ରାଜି ହୋଇ ନ ଥିଲେ। ନିରୁପାୟ ଭାବେ ଯୁବତୀଜଣକ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ନୀଳଗିରି ଥାନାରେ ମାମଲା (ନଂ. ୩୦୦/୨୨) ରୁଜୁ କରାଯାଇ ଶିକ୍ଷକଙ୍କୁ ଗିରଫ କରାଯାଇଥିଲା।



## ଆଜି କ'ଣ କେଉଁଠି

ବାଲେଶ୍ୱର

- ଟାଙ୍କି ଗାଡ଼ି ମାଲିକ ସଂଘର ବାର୍ଷିକ ସମ୍ମିଳନୀ। ସ୍ଥାନ- ଦୁର୍ଗା ଗାର୍ଡେନ୍, ଷ୍ଟେସନ ଛକ। ସମୟ- ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### କେନ୍ଦ୍ରମନ୍ତ୍ରୀଙ୍କ ରାଇରଙ୍ଗପୁର ଗସ୍ତ

ରାଇରଙ୍ଗପୁର,୧୮।୧୦(ଡି.ଏନ.ଏ.): କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ ମଙ୍ଗଳବାର ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗସ୍ତ କରିଛନ୍ତି। ସେ ବହଳଦା ବ୍ଲକ୍ ଅଞ୍ଚଳରେ ମା' ମନସା ଦେବୀଙ୍କ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପରେ ଯାମଦା ବ୍ଲକ୍ ଅଧୀନ ଟେଣ୍ଡରା ପଞ୍ଚାୟତର ଆମଲାବେଡା ଗସ୍ତକରି ସେଠାରେ ନିର୍ମାଣାଧୀନ ଏକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଅନୁଧ୍ୟାନ କରିଥିଲେ। ଏହି ଅବସରରେ ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝୀଙ୍କ ସମେତ ବିଭିନ୍ନ ପଦାଧିକାରୀ, ନେତୃବୃନ୍ଦ ଏବଂ ସମର୍ଥକ ଯୋଗ ଦେଇଥିଲେ।

### ଟ୍ରେନ୍‌ରେ କଟି ମହିଳା ମୃତ

ରୂପସା, ୧୮।୧୦(ଡି.ଏନ.ଏ.): ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅଧୀନ ବାଲେଶ୍ୱର ଜିଲା ରୂପସା ରେଳଷ୍ଟେଶନ ନିକଟରେ ଟ୍ରେନରେ କଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ପରିଚୟ ଜଣାପଡ଼ିନାହିଁ। ତାଙ୍କର ବୟସ ୪୦ବର୍ଷ ହେବ। ଜିଆରପି ଥାନା ପୋଲିସ ରେଳଧାରଣାରୁ ମୃତଦେହ ଜବତ କରି ମଙ୍ଗଳବାର ବ୍ୟବଚ୍ଛେଦ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୯୨/୨୨) ରୁଜୁ ହୋଇ ତଦନ୍ତ ଜାରି ରହିଛି।

### ଥାନା ଛକରେ ଗଣ୍ଡଗୋଳ, ଜଣେ ଆହତ

ଭଣ୍ଡାରିପୋଖରୀ, ୧୮।୧୦ (ସ୍ୱ.ପ୍ର.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଛକରେ ମଙ୍ଗଳବାର ସନ୍ଧ୍ୟାରେ ଗଣ୍ଡଗୋଳ ଘଟି ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ସ୍ଥାନୀୟ ସାହାରାଗଡ଼ିଆ ଗ୍ରାମର ଦୁଇ ବ୍ୟକ୍ତିଙ୍କ ମଧ୍ୟରେ କୌଣସି କାରଣରୁ ପ୍ରଥମେ ବଚସା ହୋଇଥିଲା। ପରେ ଯୁକ୍ତିତର୍କ ତୀବ୍ର ହୋଇ ଗଣ୍ଡଗୋଳ ରୂପ ନେଇଥିଲା। ଆହତ ବ୍ୟକ୍ତି ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଅପରପକ୍ଷ ବ୍ୟକ୍ତିଙ୍କୁ ପୋଲିସ ଥାନାରେ ଅଟକ ରଖିଛି।

### ନୂତନ ବିଡିଓଙ୍କ ଯୋଗଦାନ

ବାଲିଆପାଳ, ୧୮।୧୦(ସ୍ୱ.ପ୍ର.): ଦୀର୍ଘଦିନର ବ୍ୟବଧାନ ପରେ ବାଲିଆପାଳ ବ୍ଲକର ନୂତନ ବିଡ଼ିଓ ଭାବରେ ବିନୋଦ କୁମାର ପଣ୍ଡା ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି। ପଣ୍ଡା ଏହା ପୂର୍ବରୁ ସମ୍ବଲପୁର ମ୍ୟୁନିସିପାଲଟିର ଡେପୁଟି କମିଶନର ଥିଲେ। ବାଲିଆପାଳ ବ୍ଲକର ବିଡ଼ିଓ ଲଳିତ ସୋରେଙ୍ଗ ଏଠାରୁ ବଦଳି ହୋଇଯିବା ପରେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶ ବିଡ଼ିଓ ଦାୟିତ୍ୱରେ ଥିଲେ। ମଙ୍ଗଳବାର ତହସିଲଦାର ଦାଶଙ୍କଠାରୁ ନୂତନ ବିଡ଼ିଓ ଭାବରେ ପଣ୍ଡା ଦାୟିତ୍ୱ ଗ୍ରହଣ କରିବା ପରେ ବାଲିଆପାଳ ବ୍ଲକର ବିକାଶ ଧାରାକୁ ଆଗେଇ ନେବେ ବୋଲି କହିଛନ୍ତି।

### ଗୋରୁଙ୍କୁ ବ୍ୟାପୁଛି ବସନ୍ତରୋଗ

ବେତନଟୀ ,୧୮।୧୦(ସ୍ୱ.ପ୍ର.): ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ସଇତପୁର ପଞ୍ଚାୟତର କୁରାଡିକ ଗ୍ରାମରେ ଗୃହପାଳିତ ପ୍ରାଣୀଙ୍କ ମଧ୍ୟରେ ବ୍ୟାପୁଛି ମାରାତ୍ମକ ବସନ୍ତରୋଗ। ୩ଦିନ ମଧ୍ୟରେ ଗ୍ରାମର ୫ରୁ ଉର୍ଦ୍ଧ୍ୱ ଗୋରୁ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିଥିବା ସୂଚନା ମିଳିଛି। ଗ୍ରାମର ନରେନ୍ଦ୍ର ମହାନ୍ତ, ରୋହିନ ମହାନ୍ତ, ଚକ୍ରଧର ମହାନ୍ତ, ଭୀମ ମହାନ୍ତିଙ୍କ ୫ରୁ ଉର୍ଦ୍ଧ୍ୱ ଗୋରୁଗାଈଙ୍କର ମୃତ୍ୟୁ ହୋଇଛି। ସେହିପରି ସଚ୍ଚିଦାନନ୍ଦ ମହାନ୍ତ, ଭୁବନେଶ୍ୱର ମହାନ୍ତ,ଶମ୍ଭୁନାଥ ମହାନ୍ତ, ହରିଆନାଥ ମହାନ୍ତ, ସୁବାଷ ମହାନ୍ତ, ରଷ୍ମ ମହାନ୍ତଙ୍କ ସମେତ ବହୁ ଗ୍ରାମବାସୀଙ୍କର ଗୃହପାଳିତ ପଶୁ ଏବେ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ବୈଶିଙ୍ଗା ପ୍ରାଣୀଚିକିତ୍ସକଙ୍କ ନେତୃତ୍ୱରେ ଏକ ଟିମ୍ କୁରାଡିକ ଗାଁକୁ ଯାଇ ପ୍ରାଥମିକ ଚିକିତ୍ସା କରି ଫେରିଛନ୍ତି।

### ହାତୀ ସୁରକ୍ଷା ସମ୍ପର୍କିତ ସଚେତନତା ବୈଠକ

ବାଙ୍ଗିରିପୋଷି,୧୮।୧୦(ଡି.ଏନ.ଏ.): ବାଙ୍ଗିରିପୋଷି ବନାଞ୍ଚଳ ଓ ସଂଗ୍ରାମ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ଆନୁକୂଲ୍ୟରେ ହାତୀ ପ୍ରବଣ ଅଞ୍ଚଳ ନାମ୍ପି ଓ ଝିଙ୍କପାହାଡ଼ିଠାରେ ଲୋକଙ୍କ ସହଯୋଗରେ କିପରି ହାତୀ ଦାଉରୁ ଧନ ଜୀବନ ସୁରକ୍ଷା କରାଯାଇ ପାରିବ ସେ ସମ୍ପର୍କିତ ସଚେତନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀଧର ବେହେରା,ସଂଗ୍ରାମ ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ବସା, ବନପାଳ ଖଗେଶ୍ୱର ସେଠୀ,ବନରକ୍ଷୀ ରଜନୀକାନ୍ତ ଚୌଧୁରୀ ପ୍ରମୁଖ ଯୋଗଦେଇ ହାତୀ ଦ୍ୱାରା ହେଉଥିବା କ୍ଷୟକ୍ଷତିକୁ କିପରି ରୋକା ଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ।

# 'ଏଫ୍ଏମ୍ ବିଶ୍ୱବିଦ୍ୟାଳୟରେ ହେବ ପାଣିପାଗ ସମ୍ବନ୍ଧୀୟ ଗବେଷଣା'

ବାଲେଶ୍ୱର ଅଫିସ, ୧୮।୧୦




ଏଫ୍ଏମ୍ୟୁ ଓ ଆଇଏମ୍ଡି ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷର ସମ୍ପର୍କିତ ବୈଠକ।

**ଆଇଏମ୍ଡି,ଏଫ୍ଏମ୍ୟୁ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷରିତ**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ (ଏଫ୍ଏମ୍ୟୁ)ରେ ପାଣିପାଗ ସମ୍ବନ୍ଧୀୟ ଗବେଷଣା କରାଯିବ। ଏନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ନୂଆଦିଲ୍ଲୀ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ମଧ୍ୟରେ ମଙ୍ଗଳବାର ଏକ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଉପସ୍ଥିତ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ପାଣିପାଗ ସମ୍ବନ୍ଧୀୟ ଗବେଷଣା ଦିଗରେ ଏକ ବୃହତ୍ତର କ୍ଷେତ୍ରରେ କାର୍ଯ୍ୟ କରିବା ଲକ୍ଷ୍ୟ ନେଇ ବିଶ୍ୱବିଦ୍ୟାଳୟ ପ୍ରତିଶ୍ରୁତିବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ। ଆଇଏମ୍ଡି ନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଏହି ପରିପ୍ରେକ୍ଷୀରେ ଏମ୍ଓୟୁ ସ୍ୱାକ୍ଷର କରି 'ଚରମସ୍ତରୀୟ ପାଣିପାଗର ପୂର୍ବ ଚେତାବନୀ ଏବଂ ତ୍ୱରିତ ପଦକ୍ଷେପ' ଶୀର୍ଷକ ଏକ ଭିଡିଓପ୍ରବନ୍ଧ ଜରିଆରେ ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ ଓ ବିପର୍ଯ୍ୟୟ ପ୍ରଶମନ ବିଷୟରେ ମତାମତ ରଖିଥିଲେ।

ବୈଠକରେ ସଂଯୋଜକ ଡ. ନିହାର ରଞ୍ଜନ ରାଉତ ଅତିଥି ପରିଚୟ ଓ ଡ. ବିବେକାନନ୍ଦ ନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ୍ ଚନ୍ଦ୍ର ଅଧିକାରୀ ଏମ୍ଓୟୁ ସ୍ୱାକ୍ଷରିତ ସଭା ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ମତ ଦେଇ ପାଣିପାଗ ସମ୍ବନ୍ଧୀୟ ଅଧ୍ୟୟନ ଓ ଆକଳନ କ୍ଷେତ୍ରରେ ପ୍ରକୃତ ଗବେଷଣାର କ୍ଷେତ୍ର ପ୍ରସ୍ତୁତ କରିବାରେ ଏହି ପଦକ୍ଷେପ ବିଶେଷ ସହାୟକ ହୋଇପାରିବ ବୋଲି ପ୍ରକାଶ କରିଥିଲେ। କୁଳସଚିବ କୁକୁମୀନା ଦାସ ଉଭୟ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଆଇଏମ୍ଡି ତଥା ଭାରତୀୟ ପାଣିପାଗ ବିଭାଗ ମଧ୍ୟରେ ଏହି ବୁଝାମଣା ଜ୍ଞାପନପତ୍ର ସ୍ୱାକ୍ଷରିତ ହେବା ଫଳରେ ଗବେଷଣା ନିମିତ୍ତ ବହୁବିଧ ଦିଗ ଉନ୍ମୋଚିତ ହୋଇପାରିବ ବୋଲି ମତ ଦେଇଥିଲେ। ଆଇଟିଆର୍ ଭୁବନେଶ୍ୱର ଓ ବାଲେଶ୍ୱରର ବୈଜ୍ଞାନିକ ଏଥିରେ ଉପସ୍ଥିତ ଥିଲେ। ଡ. ସନ୍ତୋଷ ଅଗ୍ରୱାଲା ଏହି କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରିଥିଲେ। ଡ. ମିହିର ତନୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରୋଗ ଭଲ କରିବା ବାହାନାରେ ଧର୍ମାନ୍ତରୀକରଣ

ଚାନ୍ଦବାଲି,୧୮।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧାମରା ଅଞ୍ଚଳରେ ରୋଗ ଭଲ କରାଇଦେବା ବାହାନାରେ ଧର୍ମାନ୍ତରୀକରଣ ଚାଲିଥିବା ଅଭିଯୋଗ ହୋଇଛି। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଦୋସିଙ୍ଗା ପଞ୍ଚାୟତ ଚିଆଣୀପାଇ ଗ୍ରାମର ଜଣେ ବ୍ୟକ୍ତିଙ୍କ ସ୍ତ୍ରୀ ଧାମରା ଥାନା ନିକଟରେ ସାଧାରଣ ଲୋକଙ୍କୁ ରୋଗ ଭଲ କରିଦେବା ବାହାନାରେ ହିନ୍ଦୁ ଧର୍ମରୁ ଭିନ୍ନ ଧର୍ମକୁ ଧର୍ମାନ୍ତୀକରଣ କରାଉଥିଲେ। ମଙ୍ଗଳବାର ୧ ହଜାରରୁ ଉର୍ଦ୍ଧ୍ୱ ଲୋକ ଆସି ଦୋସିଙ୍ଗାରେ ଉକ୍ତ ମହିଳାଙ୍କ ଘରେ ଏକାଠି ହୋଇଥିବା ଦେଖି ସ୍ଥାନୀୟ ଜନସାଧାରଣ ଏବଂ ଭାଜପା ପକ୍ଷରୁ ବିରୋଧ କରାଯିବା ସହ ପୋଲିସକୁ ଖବର ଦିଆଯାଇଥିଲା। ମାତ୍ର ପୋଲିସ ପହଞ୍ଚି କେବଳ ନୀରବଦ୍ରଷ୍ଟା ସାଜିଥିଲା। ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ ଯୋଗୁ ବାହାରୁ ଆସିଥିବା ଲୋକେ ପଳାଇ ଯାଇଥିଲେ।

ଏ ବିଷୟରେ ଧାମରା ଥାନାଧିକାରୀଙ୍କୁ ପଚାରିବାରୁ ସେ ସମ୍ପୃକ୍ତ ମହିଳାଙ୍କ ବିଷୟରେ କିଛି ମୁହଁ ଖୋଲି ନ ଥିଲେ। ଏହାକୁ ନେଇ ହିନ୍ଦୁ ଧର୍ମାବଲମ୍ବୀ ଲୋକଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ବେଳେ ଉକ୍ତ ମହିଳାଙ୍କୁ ଗିରଫ ପାଇଁ ଦାବି ହୋଇଛି। ୩ ମାସ ମଧ୍ୟରେ ତୁମର ସମସ୍ତ ରୋଗ ଭଲ ହେବା ସହ ଅସୁବିଧା ଦୂର ହୋଇ ଆର୍ଥିକ ଅଭିବୃଦ୍ଧି ହେବ ବୋଲି ଉକ୍ତ ମହିଳା ବୁଝାଉଥିଲେ। ଏପରିକି ଅନ୍ୟ ରାଷ୍ଟ୍ରରୁ ତୁମ ବ୍ୟାଙ୍କ ଖାତାକୁ ଟଙ୍କା ଆସିବ ଓ ତୁମ ଅଞ୍ଚଳରେ ଏକ ଧର୍ମପୀଠ ପ୍ରତିଷ୍ଠା କରାଯିବ ବୋଲି ସ୍ଥାନୀୟ ବାସିନ୍ଦାଙ୍କୁ ସେ ପ୍ରବର୍ତ୍ତାଉଥିଲେ। ଏ ବିଷୟରେ ପୋଲିସ ପ୍ରଶାସନ ପାଖରେ କିପରି ଖବର ରହୁନାହିଁ କିମ୍ବା ଜାଣିଶୁଣି ନୀରବ ରହୁଛି ସେନେଇ ସାଧାରଣରେ ଚର୍ଚ୍ଚା ହେଉଛି।

# ୨୧, ୨୨ରେ ଜିଲା କୃଷକସଭା ସମ୍ମିଳନୀ

ଖଇରା, ୧୮।୧୦(ଡି.ଏନ.ଏ.)




ଖବରଦାତା ସମ୍ମିଳନୀରେ ଉପସ୍ଥିତ କୃଷକସଭାର ସଦସ୍ୟବୃନ୍ଦ।

କୃଷି ଆଇନ ପ୍ରତ୍ୟାହାର ୨ବର୍ଷରୁ ଉର୍ଦ୍ଧ୍ୱ ହୋଇଯାଇଥିବା ବେଳେ ଏପର୍ଯ୍ୟନ୍ତ ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ଅଧିକାର ଦିଆଯାଇନାହିଁ। ଶିଳ୍ପସଂସ୍ଥା ଓ ପୁଞ୍ଜିପତିମାନଙ୍କୁ ୧୧ଲକ୍ଷ କୋଟି ଛାଡ କରାଯାଇଥିବା ବେଳେ କୃଷିରଣ ଛାଡ ପାଇଁ ସରକାରଙ୍କୁ କଷ୍ଟ ହେଉଛି। ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟରେ ଦ୍ରୁତ ଅବନତି ଘଟୁଛି। ଆମ୍ବହତା କେନାଲ ନିର୍ମାଣକୁ ତ୍ୱରାନ୍ୱିତ କରାଯାଉନାହିଁ କି ଅଚଳ ଉଠାଜଳସେଚନ ପ୍ରକଳ୍ପଗୁଡିକୁ କାର୍ଯ୍ୟକ୍ଷମ କରାଯାଉନାହିଁ। ସେହିଭଳି ସୁବର୍ଣ୍ଣରେଖା ସଂସ୍କାର ଯୋଜନା ଶୀତଳଭଣ୍ଡାରରେ ପଡିରହିଥିବା, ସାର ଓ କୀଟନାଶକର ମୂଲ୍ୟ ୨ଗୁଣ ବଢିଯିବା, ସମବାୟ ସଂସ୍ଥାଗୁଡିକ ଦୁର୍ନୀତିରେ ବୁଡିରହିବା ଭଳି କାରଣ ଯୋଗୁ କୃଷକମାନେ କୃଷିରୁ ମୁହଁ ଫେରାଉଛନ୍ତି। ଏଭଳି ସମସ୍ୟାଗୁଡିକ ଉପରେ ଆଲୋଚନା ସହ ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ପାଇଁ ଲଢୁଆ କୃଷକ ସଙ୍ଗଠନ ଓଡିଶା କୃଷକ ସଭାର ୨ଦିନିଆ ଜିଲାସ୍ତରୀୟ ସମ୍ମିଳନୀ ୨୧ ଓ ୨୨ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକରୁ କୃଷକସଭାର ସଦସ୍ୟ ଥିବା ୧୫୦ଜଣ ସଦସ୍ୟ ଯୋଗଦେବେ ବୋଲି ଖଇରା ବଜାରସ୍ଥିତ ବାବାଜୀ ବିଶ୍ୱାଳ ନଗରଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୃଷକ ସଭାର ସଦସ୍ୟମାନେ ପ୍ରକାଶ କରିଛନ୍ତି। ସମ୍ମିଳନୀ ଅଭ୍ୟର୍ଥନା କମିଟିର ସଦସ୍ୟ ଜଗତାନନ୍ଦ ମହାପାତ୍ର ସଭାପତିତ୍ୱ କରିଥିଲେ। କୃଷକସଭାର ରାଜ୍ୟ ଉପସଭାପତି ନିର୍ମଳ ନାୟକ, ଜିଲା ସମ୍ପାଦକ ସୀତାଂଶୁ ସେନାପତି, କମିଟି ସଭ୍ୟ ଉପେନ୍ଦ୍ର ପ୍ରସାଦ ଦାସ, ସମ୍ପାଦକ ଭଗବାନ ଦାସ, ବସନ୍ତ କୁମାର ମାଝୀ, ପ୍ରଶାନ୍ତ କୁମାର ବାରିକ ଓ ଅଭିରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଅ

ତେଲକୋଇ,୧୮।୧୦(ଡି.ଏନ.ଏ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗାନ୍ଧୀ ଜୟନ୍ତୀ ଅକ୍ଟୋବର ୨ରୁ ମାସେ ବ୍ୟାପି ସାରା ରାଜ୍ୟରେ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କରାଯାଉଛି। ଏହି ଅବସରରେ ମଙ୍ଗଳବାର ପୂର୍ବତନ ମନ୍ତ୍ରୀ ତଥା ତେଲକୋଇ ବିଧାୟକ ଇଂ ପ୍ରେମାନନ୍ଦ ନାୟକଙ୍କ ନିର୍ଦ୍ଦେଶ କ୍ରମେ ତେଲକୋଇ ବ୍ଲକ୍ ବିଜେଡି ପକ୍ଷରୁ ତେଲକୋଇ ଓ ଖୁଣ୍ଟାପଡ଼ାଠାରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଗାଁ ଗାଁରେ ଲୋକଙ୍କୁ ବିଜେଡି ସରକାରଙ୍କ ସଂଖ୍ୟାଧିକ ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବାକୁ କର୍ମୀମାନଙ୍କୁ ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ବେଦବ୍ୟାସ ନାୟକ, ତେଲକୋଇ ବ୍ଲକ୍ ଅଧ୍ୟକ୍ଷ ବିକ୍ରମ ନାୟକ, ଜିଲା ବିଜେଡି ମହିଳା ସଭାପତି ରମଣୀ ନାୟକ, ୨୦ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ କେଦାରଚନ୍ଦ୍ର ପ୍ରଧାନ, ଏମ୍ପିଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ପ୍ରଧାନ, ବ୍ଲକ୍ ବିଜେଡି ସଭାପତି ସନ୍ତୋଷ ବିଶ୍ୱାଳ, ଯୁବ ବିଜେଡି ସଭାପତି ନୀଳମଣି ଦେହୁରୀ, ଯୁବ ନେତା ରଜତ ବାରିକଙ୍କୁ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

# ବିଦ୍ୟାଳୟକୁ ସହାୟତା ଦେଲେ ବାୟୁସେନା କର୍ମଚାରୀ



ସେବାନିବୃତ୍ତ ବାୟୁସେନା କର୍ମଚାରୀ ରାଜେନ୍ଦ୍ର କୁମାର ମହାପାତ୍ର ସହାୟତା ରାଶି ପ୍ରଦାନ କରୁଛନ୍ତି।

ସିମୁଳିଆ, ୧୮।୧୦(ଡି.ଏନ.ଏ.)

ସେବାନିବୃତ୍ତ ବାୟୁସେନା କର୍ମଚାରୀ ରାଜେନ୍ଦ୍ର କୁମାର ମହାପାତ୍ର ମଙ୍ଗଳବାର ସିମୁଳିଆ ବ୍ଲକ ବାଉରୀପଦା ପଞ୍ଚାୟତ ଅଧୀନ ବରିହା ଅଞ୍ଚଳର ସାଇ ଦୁଃଖିଶଙ୍ଖାଳି ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚି ଉନ୍ନତିକରଣ ପାଇଁ ୫ହଜାର ଟଙ୍କା ସହାୟତା ରାଶି ପ୍ରଧାନ ଶିକ୍ଷକ ନିରାକାର ଜେନାଙ୍କୁ ପ୍ରଦାନ କରିଛନ୍ତି। ସେହିପରି ବିଦ୍ୟାଳୟର ସମସ୍ତ ୧୩୩ଜଣ ଛାତ୍ରୀଛାତ୍ର ଓ ଶିକ୍ଷା କର୍ମଚାରୀଙ୍କୁ ଚକୋଲେଟ ବଣ୍ଟନ କରିଥିଲେ। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଅଧିକ 'ଏ' ରଖିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ।

ମହାପାତ୍ରଙ୍କ ଘର ପଡ଼ୋଶୀ ବଣା ଅଞ୍ଚଳରେ ହୋଇଥିବା ବେଳେ ସେ ଅଧିକାଂଶ ସମୟରେ ଏହି ବିଦ୍ୟାଳୟକୁ ଆସି ଛାତ୍ରୀଛାତ୍ରମାନଙ୍କୁ ନୈତିକ ଶିକ୍ଷା, ସାମାଜିକ ଚାଲିଚଳଣି, ବିଭିନ୍ନ ପ୍ରତିକୂଳ ପରିବେଶରେ ନିଜକୁ ପରିଚାଳନା କରିବା ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥାନ୍ତି। ଛାତ୍ରୀଛାତ୍ରମାନେ ବହି ପାଠ ବ୍ୟତୀତ ସମାଜରେ ନିଜକୁ ପରିଚାଳନା କରିବାର କୌଶଳ ଶିଖିପାରିଲେ କେବେ ହାର ମାନିବେ ନାହିଁ ବୋଲି ମହାପାତ୍ର ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ସମିତିସଭ୍ୟ ଗଜେନ୍ଦ୍ର ସେଠୀ, ଶିକ୍ଷକ ଦିଲୀପ କୁମାର ରଥ, ଗଣପତି କର, ବ୍ରଜମୋହନ ଦାଶ, ମଧୁସୂଦନ ପରିଡ଼ା ପ୍ରମୁଖ ବାୟୁସେନା କର୍ମଚାରୀ ମହାପାତ୍ରଙ୍କୁ ସାଧୁବାଦ ଅର୍ପଣ କରିଥିଲେ। ମହାପାତ୍ର ସ୍ଥାନୀୟ ଅଞ୍ଚଳର ପ୍ରୟାସ ଟ୍ରଷ୍ଟରେ ସାମିଲ ହୋଇ ସମାଜସେବା ଦିଗରେ କାର୍ଯ୍ୟ କରୁଛନ୍ତି।

# ୨୦୨୩ ଜାନୁୟାରୀ ସୁଦ୍ଧା ବାଲେଶ୍ୱରରେ ଖୋଲିବ ଇଏସ୍ଆଇ ଡାକ୍ତରଖାନା

ବାଲେଶ୍ୱର ଅଫିସ, ୧୮।୧୦

ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଙ୍ଗଳବାର କେନ୍ଦ୍ର ଶ୍ରମନିଯୁକ୍ତି, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପିନ୍ଦର ଯାଦବଙ୍କୁ ଭେଟି ୩ଟି ପତ୍ର ମାଧ୍ୟମରେ ୩ଟି ସମସ୍ୟା ନେଇ ଦାବି ଉତ୍ଥାପନ କରିଛନ୍ତି। ପୁରାତନ ଦାବି ଅନୁସାରେ ବାଲେଶ୍ୱରରେ ଇଏସ୍ଆଇ ଡାକ୍ତରଖାନା ନିର୍ମାଣ କରି କଳକାରଖାନାର ଶ୍ରମିକମାନଙ୍କ ସୁବିଧା ପାଇଁ ଅନୁରୋଧ କରିଥିଲେ। ଆସନ୍ତା ୨୦୨୩ ଜାନୁୟାରୀ ସୁଦ୍ଧା ଏହାର ଶୁଭାରମ୍ଭ ହେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ସେହିପରି ବାଲେଶ୍ୱରର ବନ, ଅରଣ୍ୟ, ପାହାଡ଼, ପର୍ବତ, ନଦୀ ଓ ସମୁଦ୍ର ପରିବ୍ୟାପ୍ତ ବ୍ୟାପକ ଜୈବ ବିବଧତାର ସଂରକ୍ଷଣ ଓ ସମ୍ବର୍ଦ୍ଧନା ପାଇଁ ଏକ ଅନୁସନ୍ଧାନ କରି ସଂସ୍ଥା ଗଠନ କରି ଏ ଦିଗରେ ପଦେକ୍ଷପ ନେବା ପାଇଁ ଏମ୍ପିଙ୍କ ପ୍ରସ୍ତାବକୁ କେନ୍ଦ୍ରମନ୍ତ୍ରୀ ସ୍ୱୀକୃତି ପ୍ରଦାନ କରିଛନ୍ତି।



କେନ୍ଦ୍ରମନ୍ତ୍ରୀ ଭୂପିନ୍ଦର ଯାଦବଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ବାଲେଶ୍ୱର ଏମ୍ପି ପ୍ରତାପ ଷଡ଼ଙ୍ଗୀ।

ଅନ୍ୟପକ୍ଷରେ ବାଲେଶ୍ୱରର ଗରିବ ଶ୍ରମିକ ଯେଉଁମାନେ ଅସ୍ୱାସ୍ଥ୍ୟକର ପରିସ୍ଥିତିରେ ବାହାରେ କାମ କରୁଛନ୍ତି, ସେମାନଙ୍କ ଏକ ପୂର୍ଣ୍ଣ ତଥ୍ୟ ସମ୍ବଳିତ ଡିଜିଟାଲ ସୂଚୀ ପ୍ରସ୍ତୁତ କରିବା ସହିତ ସେମାନଙ୍କ ପିଲାମାନଙ୍କ ପପାଇଁ ଏକ ଛାତ୍ରାବାସ ନିର୍ମାଣ ପାଇଁ ଅନୁରୋଧ କରିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କର ସକାରାତ୍ମକ ପ୍ରତିକ୍ରିୟା ଏମ୍ପିଙ୍କୁ ଉତ୍ସାହିତ କରିଛି, ଏଥିପାଇଁ ଏମ୍ପି ଷଡ଼ଙ୍ଗୀ ମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ଧାନ, ଚିନାବାଦାମ ଫସଲ ଖାଇଗଲେ ବାର୍ହା

ପାଟଣା,୧୮।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଯମୁନା ପଶି ପଞ୍ଚାୟତ ବରୁପଶି ଗ୍ରାମରେ ବାର୍ହା ପଲ ସୋମବାର ରାତିରେ ଗାଁରେ ପଶି ଧାନ ଓ ଚିନାବାଦାମ ଫସଲ ଖାଇ ବ୍ୟାପକ କ୍ଷତି କରିଛନ୍ତି। ଖାଇବା ସହ ଖୋଳି ଫସଲ ନଷ୍ଟ କରିଦେଇଛନ୍ତି। ଏ ନେଇ ଗ୍ରାମର ଚାଷୀ ରମେଶ ଚନ୍ଦ୍ର ନାଏକ, ଶତ୍ରୁଘ୍ନ ନାଏକ, ଶଶୀଭୂଷଣ ନାଏକ, ଆଦିତ୍ୟ ନାଏକ ଓ ବାବି ନାଏକ କ୍ଷତିପୂରଣ ଦାବିରେ ମଙ୍ଗଳବାର ପାଟଣା ରେଞ୍ଜର ଘାସିନାଥ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଲକ୍ଷ୍ମୀପୂଜା ଦେଖିବାକୁ ଯାଇଥିବା ବେଳେ ଘରେ କଳାକନା ବୁଲାଇଲେ ଚୋର

ବାସୁଦେବପୁର, ୧୮।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ନଚ୍ଛିବିନ୍ଧା ଗ୍ରାମରେ ଏକ ପରିବାର ଲକ୍ଷ୍ମୀପୂଜା ଦେଖିବାକୁ ଯାଇଥିବା ବେଳେ ଚୋରମାନେ ତାଙ୍କ ଘରେ କଳାକନା ବୁଲାଇଛନ୍ତି। ତାଙ୍କ ଘରୁ ନଗଦ ଟଙ୍କା ସହ ସୁନାଗହଣା ଚୋରି କରି ନେଇଛନ୍ତି। ସୂଚନା ଅନୁଯାୟୀ, ଗ୍ରାମର ଭଗବାନ ଚନ୍ଦ୍ର ପଣ୍ଡାଙ୍କ ଘରୁ ସୋମବାର ରାତିରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଛି। ସନ୍ଧ୍ୟାରେ ତାଙ୍କ ପରିବାର ଲୋକେ ନିକଟସ୍ଥ ବେତଡ଼ା ବଜାର ଲକ୍ଷ୍ମୀପୂଜା ଦେଖିବାକୁ ଯାଇଥିଲେ। ଏହାର ସୁଯୋଗରେ ଚୋରମାନେ ସ୍କାଏଲାଇଟ୍ ଭାଙ୍ଗି ତାଙ୍କ ଘର ଭିତରେ ପଶି ୧୮ ସୁନା ମୁଦି, ୩ ହଳ କାନଫୁଲ, ୮ ସୁନାଚେନ, ୨ ସୁନା ଲକେଟ ସହ ୪୦ ହଜାର ଟଙ୍କା ଚୋରି କରି ନେଇଯାଇଛନ୍ତି। ଲକ୍ଷ୍ମୀପୂଜା ଦେଖି ସାରି ସେମାନେ ଘରେ ପହଞ୍ଚି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ପରିବାର ପକ୍ଷରୁ ବାସୁଦେବପୁର ଥାନାକୁ ଜଣାଇବା ପରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିଛି। ରିପୋର୍ଟ ଲେଖାହେବା ସୁଦ୍ଧା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ମଧ୍ୟ ଚୋରଙ୍କୁ ଠାବ କରିପାରି ନାହିଁ।

# 'ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ବନ୍ତ,୧୮।୧୦(ଡି.ଏନ.ଏ.)

ଭଲ ମଣିଷ ଗଢ଼ି ତୋଳିବା ସହ ସମାଜକୁ ଆଗେଇ ନେବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସୋମବାର ଭଦ୍ରକ ଜିଲା ବନ୍ତ ବ୍ଲକ ଗିଲୋ ହାଇସ୍କୁଲର ପୂର୍ବତନ ଶିକ୍ଷକ ସ୍ୱର୍ଗତ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ୧୩ତମ ଶ୍ରାଦ୍ଧ ବାର୍ଷିକ ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରମେଶ ସାର୍ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ସଭାରେ ଗୀତା ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ଡ. ମନ୍ମଥ ରାଉଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, ମୁଖ୍ୟବକ୍ତା ବିଶିଷ୍ଟ ଖବରଦାତା ରବି ଦାସ ଏବଂ ସମ୍ମାନୀତ ଅତିଥି ଭାବେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ୱାକ୍ ଅଫ୍ ବୋର୍ଡର ପୂର୍ବତନ ରାଜ୍ୟ ସମ୍ପାଦକ ସେକ୍ ଜଲାଲଉଦ୍ଦୀନ, ଅଧ୍ୟାପକ ରାଜ କିଶୋର ଆଚାରୀ, ଶିକ୍ଷକ ମନୋଜ କୁମାର ସାହୁ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିରକୁ ଥାନାଧିକାରୀ ଆଦିତ୍ୟ ପ୍ରସାଦ ଜେନା ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଡା. ପ୍ରଭାସ ମହାନ୍ତି ଯୋଗ ଦେଇଥିଲେ। ଏଥିରେ ୧୮୪ ରୋଗୀଙ୍କ ପରୀକ୍ଷା କରାଯାଇଥିଲା।

ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଦାଶ, ଚଳିତବର୍ଷ ଲଣ୍ଡନଠାରେ ଅନୁଷ୍ଠିତ କମନ ୱେଲ୍‌ଥ ଗେମ୍‌ରେ ରୌପ୍ୟ ବିଜେତା ରାଖାଲ ସେଠୀ, ଓଡ଼ିଶା ପ୍ରଶାସନିକ ସେବାରେ ଉତ୍ତୀର୍ଣ୍ଣ ହୋଇଥିବା ସଞ୍ଜୀବ ନାୟକ, ସଫଳ ଚାଷୀ ଉଦୟନାଥ କର, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିକିତ୍ସକ ଡା. ପ୍ରଦୀପ ସେଠୀ, ଓଡ଼ିଶା ଅଭିଭାବକ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ସ୍ଥାନୀୟ ସରପଞ୍ଚ ସଂଗ୍ରାମ କେଶରୀ ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କୃତୀ ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ସ୍ମୃତି ସଂସଦ ସଭାପତି ମନମୋହନ ସାହୁ, ଗିଲୋ ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଅସିତ କର, ଇଂ. ଲକି ମାଷ୍ଟର ସ୍ୱାଇଁ, ସୁଧାକର ଧଳ, ରମାକାନ୍ତ ପାଣିଗ୍ରାହୀ, ସ୍ମୃତି ରଞ୍ଜନ ସ୍ୱାଇଁ, ସଞ୍ଜୟ କୁମାର ମଜୁମଦାର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସ୍ଥାନୀୟ ସମ୍ବଳ ବିନିଯୋଗ ବିକାଶକୁ ତ୍ୱରାନ୍ୱିତ କରିବ

**ସମ୍ପ୍ରସାରଣ ତାଲିମ କେନ୍ଦ୍ର**

କେନ୍ଦୁଝର,୧୮।୧୦(ସ୍ୱ.ପ୍ର./ଡି.ଏନ୍.ଏ)

ମିଳିତ ଜାତିସଂଘ ଦ୍ୱାରା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ-୨୦୩୦ର ସଫଳ ରୂପାୟନ ନିମନ୍ତେ ରାଜ୍ୟ ସରକାର ବିଶେଷ ପଦକ୍ଷେପ ନେଉଛନ୍ତି। ଏ ନେଇ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ କେନ୍ଦୁଝର ଜିଲା କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର କର୍ମଶାଳା କେନ୍ଦୁଝରସ୍ଥ ସମ୍ପ୍ରସାରଣ ତାଲିମ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନିଆ କର୍ମଶାଳାକୁ ଆନୁଷ୍ଠାନିକ ଭାବେ କେନ୍ଦୁଝର ଜିଲାପାଳ ଆଶିଷ୍ ଠାକ୍‌ରେ ଉଦ୍‌ଘାଟନ କରିଥିଲେ।

କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଜନା ଓ ସଂଯୋଜନ ବିଭାଗର ଯୁଗ୍ମ ଶାସନ ସଚିବ ମନିଷ ଅଗ୍ରୱାଲ କହିଲେ ଯେ, ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାକୁ ହେଲେ ପ୍ରଥମେ ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ସମାସ୍ୟାର ଚିହ୍ନଟ କରି ଏହାର ଆଶୁ ସମାଧାନ କରିବାକୁ ପଡ଼ିବ। ସ୍ଥାନୀୟ ସମ୍ବଳର ଉଚିତ ଉପଯୋଗ ହୋଇ ପାରିଲେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିବ ବୋଲି ବକ୍ତବ୍ୟ ରଖିଥିଲେ। ଉନ୍ନୟନ କମିଶନର ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଭିଡିଓ ବାର୍ତ୍ତା ମାଧ୍ୟମରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

କର୍ମଶାଳାରେ ଜିଲାର ୨୨ଟି ବିଭାଗର ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ, ସରପଞ୍ଚ ଏବଂ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଭାଗର ସାମର୍ଥ୍ୟ ବୃଦ୍ଧି ବିଶେଷଜ୍ଞ ସରୋଜ ଦାଶ ପରିଚାଳନା କରିଥିଲେ। ରାଜ୍ୟ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପ୍ରକୋଷ୍ଠର ସହକାରୀ ନିର୍ଦ୍ଦେଶିକା ଅଳକା ଜେନା, ସାମାଜିକ କ୍ଷେତ୍ର ବିଶେଷଜ୍ଞ ଡ.ରମେଶ ଚେଲାନ, ଭାନୁ ପ୍ରସାଦ ପାଣିଗ୍ରାହୀ, ଗଜେନ୍ଦ୍ର ବେହେରା ପ୍ରମୁଖ ତାଲିମଦାତା ଭାବେ ଯୋଗ ଦେଇଥିଲେ। କର୍ମଶାଳାରେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାଷିରାମ ମୁର୍ମୁ, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର ପୃଷ୍ଟି ଯୋଗ ଦେଇଥିଲେ।



କର୍ମଶାଳାରେ ଯୋଗ ଦେଇଥିବା ଜିଲାପାଳ ଆଶିଷ ଠାକ୍‌ରେ ଓ ଅନ୍ୟମାନେ।

